# ଛେଳି ଓ ମେଣ୍ଢା ପାଳନ



ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

# ଛେଳି ଓ ମେଣ୍ଢା  ପାଳନ

# ପ୍ରଶିକ୍ଷଣ ପୁସ୍ତିକା


**ଉପଦେଷ୍ଟା**

**ଶ୍ରୀ ରତ୍ନାକର ରାଉତ, ଆଇ.ଏ.ଏସ୍**

**ନିର୍ଦ୍ଦେଶକ**

ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା, ଓଡ଼ିଶା

**ସମ୍ପାଦନା ମୁଖ୍ୟ**

**ଡା. ସତ୍ୟନାରାୟଣ ପଣ୍ଡା**

**ଯୁଗ୍ମ ନିର୍ଦ୍ଦେଶକ**

ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର

**ସଂଯୋଜନା**

**ଡା. ସଂଯୁକ୍ତା ଦେବୀ**

**ଶ୍ରୀ ଆର. ରଘୁ ପ୍ରସାଦ, ଆଇ.ଏଫ.ଏସ୍**
**କମିଶନର ତଥା ଶାସନ ସଚିବ**
**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ**
**ଓଡ଼ିଶା ସରକାର**



## ବାର୍ତ୍ତା

ଆମ ରାଜ୍ୟର ପ୍ରାଣୀପାଳକଙ୍କ ନିମନ୍ତେ ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଏକ ପ୍ରଶିକ୍ଷଣ ପୁସ୍ତିକା ପ୍ରକାଶ କରିବାକୁ ଯାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଓ ପ୍ରାୟ ଶତକଡ଼ା ୬୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ବର୍ତ୍ତମାନ ପରିସ୍ଥିତିରେ, ପ୍ରାଣୀପାଳନ ଆମ ଓଡ଼ିଶାର ଚାଷୀମାନଙ୍କ ଆୟ ଉପାର୍ଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେଥିପାଇଁ ବିଭାଗ ତରଫରୁ ପ୍ରାଣୀପାଳନରେ ଜଡ଼ିତ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପଦକ୍ଷେପ ନିଆଯାଉଛି ।

କୃଷକମାନେ ବୁଝିପାରୁଥିବା ଢଙ୍ଗରେ ସହଜ ଭାଷାରେ ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ରାଜ୍ୟର ଚାଷୀ ଭାଇ ଓ ଭଉଣୀମାନେ ପ୍ରଶିକ୍ଷଣ ପୁସ୍ତିକା ବ୍ୟବହାର କରି ପ୍ରାଣୀପାଳନର ନୂତନ କୌଶଳ ଶିକ୍ଷା କରିପାରିବେ । ମୁଁ ଆଶାକରୁଛି, କୋଭିଡ଼ ମହାମାରୀ ସମୟରେ ଏହି ପୁସ୍ତିକାଟି ପ୍ରଶିକ୍ଷଣ ନିମନ୍ତେ ଯଥେଷ୍ଟ ସହାୟକ ହେବ । ସର୍ବୋପରି ଏହି ପୁସ୍ତିକା ପ୍ରାଣୀପାଳନରୁ ଅଧିକ ରୋଜଗାର ପାଇଁ ବାଟ ଦେଖାଇବ ।

**ଶ୍ରୀ ଆର. ରଘୁ ପ୍ରସାଦ**

**ଶ୍ରୀ ରତ୍ନାକର ରାଉତ, ଆଇ.ଏ. ଏସ୍**
**ନିର୍ଦ୍ଦେଶକ**
**ପ୍ରାଣୀ ପାଳନ ଓ ପ୍ରାଣୀଚିକିତ୍ସା**
**ଓଡ଼ିଶା, କଟକ**



## ବାର୍ତ୍ତା

ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ତରଫରୁ କୋଭିଡ଼ ମହାମାରୀ ସମୟରେ ପ୍ରାଣୀପାଳନରେ ସଂପୃକ୍ତ ଉଦ୍ୟୋଗୀ ମାନଙ୍କ ବୃତ୍ତିଗତ ମାର୍ଗଦର୍ଶନ ନିମନ୍ତେ ଏକ "ପ୍ରଶିକ୍ଷଣ ପୁସ୍ତିକା" ପ୍ରକାଶିତ ହେଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ଆବଶ୍ୟକ ପ୍ରଶିକ୍ଷଣ ସହିତ ପ୍ରଣିତ ପୁସ୍ତିକାରୁ ଜ୍ଞାନକୌଶଳ ଆହରଣ କରି ବିକଶିତ ପାଳନ ପ୍ରଣାଳୀ ଉପଯୋଗ ପୂର୍ବକ ଆମ ରାଜ୍ୟର ପ୍ରାଣୀପାଳକମାନେ ଆର୍ଥିକ ଓ ସାମାଜିକ ଉତ୍କର୍ଷ ସାଧନ କରିପାରିବେ ବୋଲି ମୋର ଦୃଢ ବିଶ୍ୱାସ ।

ଗ୍ରାମାଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ନିମନ୍ତେ କୃଷିକାର୍ଯ୍ୟରୁ ଉପଲବ୍ଧ ରୋଜଗାର ପର୍ଯ୍ୟାପ୍ତ ହୁଏ ନାହିଁ । ସେମାନଙ୍କ ରୋଜଗାର ବୃଦ୍ଧି କରି ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ନିମନ୍ତେ ପ୍ରାଣୀପାଳନ ଏକାନ୍ତ ଅପରିହାର୍ଯ୍ୟ । ନୂତନ ପ୍ରଣାଳୀରେ ପ୍ରାଣୀପାଳନ କରିବା ନିମନ୍ତେ ଆବଶ୍ୟକ ମୌଳିକ ଜ୍ଞାନ କୌଶଳ ଓ ଉଦ୍ୟମିତା ବିକାଶକୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ପ୍ରଣୀପାଳନ ବୃତ୍ତିକୁ ଅଧିକ ଗ୍ରହଣୀୟ କରିବା ଦିଗରେ ଏ ପୁସ୍ତିକାର ପ୍ରଣୟନ ପ୍ରତିଷ୍ଠାନ ଦ୍ୱାରା ଏକ ସମୟୋପଯୋଗୀ ପ୍ରୟାସ ବୋଲି ମୁଁ ମନେକରେ ।

ପ୍ରଣୀସମ୍ପଦର ସର୍ବୋତ୍କୃଷ୍ଟ ଯତ୍ନ ଓ ପ୍ରାଣୀପାଳନ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥାର ସୁପରିଚାଳନା ଦିଗରେ ସହଜ ସରଳ ଭାଷାରେ ସଂକଳିତ ପୁସ୍ତିକାଟି ପ୍ରାଣୀପାଳକମାନଙ୍କୁ ନିରନ୍ତର ଦିଗଦର୍ଶନ ଦେବ ଏଥିରେ ସନ୍ଦେହ ନାହିଁ ।

ଏ ଅବସରରେ ପ୍ରତିଷ୍ଠାନର ଏହି ଉଦ୍ୟମ ପାଇଁ ମୁଁ ସାଧୁବାଦ ଜଣାଇବା ସହିତ ପୁସ୍ତିକା ପ୍ରକାଶନ ସହ ସଂପୃକ୍ତ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ।

**ଶ୍ରୀ ରତ୍ନାକର ରାଉତ**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଛେଳି ଓ ମେଣ୍ଢା ପାଳନ ମାଧ୍ୟମରେ ଜୀବିକା ନିର୍ବାହ | ୧ |
| ୨. | ଛେଳି ଓ ମେଣ୍ଢାଙ୍କ ବିଭିନ୍ନ ପ୍ରଜାତି | ୩ |
| ୩. | ଛେଳି ଓ ମେଣ୍ଢା ମାନଙ୍କ ସାଧାରଣ ପରିପାଳନ | ୯ |
| ୪. | ଛେଳି ଓ ମେଣ୍ଢା ପାଇଁ ଘର | ୧୦ |
| ୫. | ଛେଳି ଓ ମେଣ୍ଢା ପାଇଁ ଖାଦ୍ୟ | ୧୪ |
| ୬. | ଛେଳି ମାନଙ୍କର ବିଭିନ୍ନ ରୋଗ ଓ ନିରାକରଣ | ୨୨ |
| ୭. | ଛେଳି ମେଣ୍ଢା ପ୍ରଜନନ | ୩୨ |
| ୮. | ଗୋଟିଏ ଛେଳି ବା ମେଣ୍ଢା ଫାର୍ମର ନିତିଦିନିଆ କାର୍ଯ୍ୟ | ୩୭ |
| ୯. | ଛେଳି ଓ ମେଣ୍ଢା ସମ୍ବନ୍ଧୀୟ ସରକାରୀ ଯୋଜନା | ୩୯ |
| ୧୦. | ଛେଳି ଓ ମେଣ୍ଢା ବିକ୍ରିବଟା | ୪୩ |

# ଛେଳି ଓ ମେଣ୍ଢା  ପାଳନ ମାଧ୍ୟମରେ ଜୀବିକା ନିର୍ବାହ

ଛେଳି ଓ ମେଣ୍ଢା  ସବୁ ପ୍ରକାରର ଜଳବାୟୁରେ ରହିପାରନ୍ତି । ଛେଳିମାଂସ ଅତି ସୁଆଦିଆ ଓ ପୁଷ୍ଟିକର ଅଟେ । ଛେଳିର କ୍ଷୀରକୁ ଶିଶୁ ଓ ରୋଗୀମାନେ ସହଜରେ ହଜମ କରିପାରନ୍ତି । ଆଜିକାଲି  ଛେଳି ମାଂସର ଚାହିଦା ବଜାରରେ ଖୁବ୍ ବେଶି । ଛେଳି ମାନେ କ୍ଷୀର, ମାଂସ ଓ ଖତ ଯୋଗାନ୍ତି । ସେମାନେ ଚରିବା ସମୟରେ ଜମିରେ  ଥିବା ଅନାବଶ୍ୟକ ଗଛର ସଂଖ୍ୟା ହ୍ରାସ କରିଥାନ୍ତି । ଆଧୁନିକ ପ୍ରଣାଳୀରେ ବ୍ୟବସାୟିକ ଭିତ୍ତିରେ ଛେଳି ଓ ମେଣ୍ଢା ପାଳନ କରି ଲାଭବାନ୍ ହେବା ଅତି ସହଜ ।

## ଛେଳି ଓ ମେଣ୍ଢା  ପାଳନର ଉପକାରୀତା :

- ଏମାନେ ସହଜରେ ପରିବର୍ତ୍ତିତ ଜଳବାୟୁ ଓ ପରିବେଶକୁ ଖାପ ଖୁଆଇ ଚଳି ପାରନ୍ତି ।
- ଏଥିପାଇଁ ଖୁବ୍ କମ୍ ମୂଳଧନର ଆବଶ୍ୟକ ହୋଇଥାଏ ।
- ଛେଳି ଓ ମେଣ୍ଢା  ଆକାରରେ ଛୋଟ ଏବଂ ଶାନ୍ତ ଶିଷ୍ଟ, ତେଣୁ ତାଙ୍କର ପରିଚାଳନା ମହିଳା ଓ ପିଲାମାନେ ଖୁବ୍ ସହଜରେ କରିପାରନ୍ତି ।
- ଛେଳି ଓ ମେଣ୍ଢା  ଗୁହାଳ ତିଆରି ବିଶେଷ ଖର୍ଚ୍ଚ ବହୁଳ ନୁହେଁ । ଯଦି ଗୁହାଳ କରାଯାଏ ତାହା ସ୍ଥାନୀୟ ଶସ୍ତା କଞ୍ଚାମାଲରେ ମଧ୍ୟ ହୋଇପାରେ ।



- କ୍ଷୀର ଓ ମାଂସ ଗାଈଙ୍କ ତୁଳନାରେ ଅଳ୍ପ ଦିନ ପାଳିବା ପରେ ମିଳିଥାଏ ।
- ୧୨-୧୫ ମାସରେ ଗୋଟିଏ ଛେଳି ବା ମେଣ୍ଢା ପ୍ରଜନନ କ୍ଷମ ହୋଇଥାନ୍ତି ଏବଂ ସେହି ଛୁଆଗୁଡ଼ିକ ବର୍ଷକ ମଧ୍ୟରେ ବିକ୍ରି ଉପଯୋଗ୍ୟ ହୋଇଥାନ୍ତି ।
- ଗୋଟିଏ ଛେଳି ଏକା ସମୟରେ ୨ ରୁ ୩ ଗୋଟି ଛୁଆ ଜନ୍ମ କରିବା ପାଇଁ ସକ୍ଷମ । ୨ ବର୍ଷରେ ପ୍ରାୟ ୩ ଥର ଛେଳି ଛୁଆ ଜନ୍ମ କରିଥାନ୍ତି ।
- ଏମାନଙ୍କ ଖାଦ୍ୟ ପାଇଁ ବହୁତ କମ୍ ଖର୍ଚ୍ଚ କରିବାକୁ ପଡ଼େ । ଏମାନେ ମୁଖ୍ୟତଃ ଘାସ, ପତ୍ର, ଲଟା ଓ ବୁଦା ଚରିବୁଲି ଖାଆନ୍ତି ।
- ଛେଳିର କ୍ଷୀରର ଚର୍ବି ଖୁବ କ୍ଷୁଦ୍ର ତଥା କ୍ଷାରୀୟ ଧର୍ମଯୋଗୁଁ ଏହା ସହଜରେ ହଜମ ହୋଇଥାଏ । ତେଣୁ ଏହା ଅମ୍ଳ ରୋଗି, ଜନ୍ଡ଼ିସ୍, ବଦ୍ହଜମି, ଶିଶୁଙ୍କ ତରଳ ଝାଡା, ବୃଦ୍ଧ ଓ ରୋଗୀଙ୍କ ପାଇଁ ବହୁତ ଉପଯୋଗୀ ।
- ଛେଳିର କ୍ଷୀରରେ ଯକ୍ଷ୍ମା ରୋଗ ନିରାକରଣ ଶକ୍ତି ଅଛି ।
- ଛେଳିର ଲଣ୍ଡି ଚାଷଜମି ପାଇଁ ବିଶେଷ ଉପଯୋଗୀ ଅଟେ ।
- ଅଧିକାଂଶ ଚାଷୀଙ୍କ ଛେଳି ବା ମେଣ୍ଢା  ପାଳନ ବିଷୟରେ କିଛିକିଛି ଅନୁଭୂତି ଥାଏ ।

## ଛେଳି ବା ମେଣ୍ଢା  ପାଳନର ଆର୍ଥିକ ଦିଗ

ଯେତେବେଳେ ଶସ୍ୟ ଅମଳ ଭଲ ହୁଏ ନାହିଁ, ସେତେବେଳେ ଛେଳି ବା ମେଣ୍ଢା  ପାଳନ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ରୂପେ ସାହାଯ୍ୟ କରିଥାଏ । ତେଣୁ ଏମାନଙ୍କୁ ଗରିବ ଲୋକଙ୍କର  ଋଣ ପରିଶୋଧକାରୀ ବୋଲି କୁହାଯାଏ । ସ୍ୱଳ୍ପ ମୂଳଧନ ବିନିଯୋଗ କଲେ ଅଳ୍ପ ସମୟ ବ୍ୟବଧାନରେ ବରାବର କିଛି ଆୟ ମିଳିଥାଏ ।

ଅନ୍ୟ ପ୍ରାଣୀମାନଙ୍କ ପରି, ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ହିଁ ଛେଳି ବା ମେଣ୍ଢା  ପାଳନର ମୁଖ୍ୟ ଆର୍ଥିକ ଦିଗ । ସେମାନଙ୍କ ନିୟମିତ ଛୁଆ ଉତ୍ପାଦନ ଉପଯୁକ୍ତ ଖାଦ୍ୟ ଉପରେ ନିର୍ଭର କରେ । ବିଶେଷତଃ ପ୍ରଜନନ ପୂର୍ବରୁ ଓ ପରେ, ଗର୍ଭାବସ୍ଥାରେ ଓ ନାବଜାତ ଛୁଆ ମାନଙ୍କୁ କ୍ଷୀର ଦେଉଥିବା ସମୟରେ ଏମାନଙ୍କ ଖାଦ୍ୟ ପ୍ରତି ବିଶେଷ  ଯତ୍ନଶୀଳ ହେବା ଦରକାର । ଠିକ୍ ଭାବରେ ଖାଇବାକୁ ଦେଲେ ଗୋଟିଏ ଛେଳି ଥରକେ ୨ କିମ୍ବା ୩ଟି ଛୁଆ ଜନ୍ମ କରିପାରିଥାଏ । ତେଣୁ ଉପଯୁକ୍ତ ସମୟରେ ଉପଯୁକ୍ତ ପରିମାଣର ସୁଷମ ଖାଦ୍ୟ ଅଧିକ ଲାଭ ପାଇଁ ଜରୁରୀ ।

ଆମ ରାଜ୍ୟରେ ଦେଶୀ ଛେଳି ବା ମେଣ୍ଢା ମାନଙ୍କୁ ସାଧାରଣତଃ ବିଲ ବାଡ଼ିରେ ଚରାଇ ପାଳନ କରାଯାଇଥାଏ । କେବଳ ଉତ୍କୃଷ୍ଟ ଧରଣର ଛେଳିକୁ ଓ ଦୁଗ୍ଧ ଉତ୍ପାଦନ ପାଇଁ ପାଳନ କରାଯାଉଥିବା ଛେଳିମାନଙ୍କୁ ଗୁହାଳରେ ବାନ୍ଧି ରଖାଯାଇଥାଏ  ଓ ସେହି ଗୁହାଳରେ ଉପଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଇଥାଏ । ଅନ୍ୟ ଏକ ପ୍ରଣାଳୀରେ, ଆଂଶିକ ଭାବରେ ଅର୍ଥାତ୍ ଦିନରେ ଚରିବାକୁ ଛଡ଼ାଯାଏ ଓ ରାତିରେ ଗୁହାଳରେ ବାନ୍ଧି ଖାଇବାକୁ ଦିଆଯାଏ । ତେଣୁ ଚାଷୀଟିଏ ସ୍ଥାନୀୟ ଅବସ୍ଥା ଅନୁସାରେ ଯେକୌଣସି ଗୋଟିଏ ପ୍ରଣାଳୀ ବାଛି ନେଇପାରେ ।

## ଗରିବର ଗାଈ – ଛେଳି

ଆମ ରାଜ୍ୟରେ ବଡ଼ ଚାଷୀଙ୍କ ସଂଖ୍ୟା ଖୁବ୍ କମ୍ । କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ଅଧିକ । ସେଥିରେ ପୁଣି ଆଦିବାସୀ ଓ ହରିଜନଙ୍କ ମଧ୍ୟରେ ନାମମାତ୍ର କ୍ଷୁଦ୍ର ଓ ଭୂମିହୀନଙ୍କ ସଂଖ୍ୟା ବହୁତ । ସମାଜରେ ଏହି ଗରିବ ଶ୍ରେଣୀର ଚାଷୀମାନଙ୍କର ସାଧାରଣତଃ ଛେଳି ବା ମେଣ୍ଢା ମୁଖ୍ୟ ଗୃହପାଳିତ ପ୍ରାଣୀ । ଜଣେ ଗରିବ ଶ୍ରେଣୀର ଲୋକ ଭଲ ଦୁଧିଆଳୀ ଗାଈଟିଏ କିଣି ତାର ପରିବାରର ଆବଶ୍ୟକତାକୁ ମେଣ୍ଟାଇବା ସମ୍ଭବପର ନୁହେଁ । ସେପରି ସ୍ଥଳେ କମ୍ ଦାମ୍‌ରେ ଛେଳିଟିଏ ପାଳନ କରି ଦୁଗ୍ଧ ଚାହିଦା ମେଣ୍ଟାଇବା ସହିତ ନିଜର ପୁଷ୍ଟିହୀନତା ଦୂର କରିପାରିବ । ବାହାଘର, ଭୋଜିଭାତ, ପର୍ବପର୍ବାଣୀ ପରି ହସଖୁସି ଦିନ ମାନଙ୍କରେ ଖାସୀ ମାଂସର ମହତ୍ୱ ବହୁତ ବଢିଯାଇଥାଏ ।

ଗାଁଗହଳିରେ ପିଲାଙ୍କ ପାଠ ପଢା, ଲୁଗାପଟା କିଣିବା, ଝିଅ ବାହାଘର, କୁଣିଆ ମଇତ୍ର ଘରକୁ ଆସିଲେ, ପର୍ବପର୍ବାଣୀ ପାଳନ ସମୟରେ ଗୋଟିଏ ଛେଳି ବିକିଦେଲେ ଯେଉଁ ଟଙ୍କା ମିଳେ, ସେଥିରେ ଖର୍ଚ୍ଚ ମେଣ୍ଟିଯାଏ । ତେଣୁ ଛେଳିକୁ ଗରିବର ଗାଈ ମଧ୍ୟ  କୁହାଯାଇଥାଏ ।

# ଛେଳି ଓ ମେଣ୍ଢାଙ୍କ ବିଭିନ୍ନ ପ୍ରଜାତି

## ଆମ ରାଜ୍ୟରେ ଥିବା କେତୋଟି ପ୍ରଜାତିର ଛେଳି ଓ ମେଣ୍ଢା :

ପ୍ରାଥମିକ ଗବେଷଣା ଅନୁସାରେ ଓଡ଼ିଶାରେ ପ୍ରାୟ ୧୧ ପ୍ରକାର ଛେଳି ଦେଖାଯାଏ । ଯଥା- ବ୍ଲାକ ବେଙ୍ଗଲ ବା କଳା ବେଙ୍ଗଲ ଛେଳି, ଗଞ୍ଜାମ ଛେଳି, ଘୁମୁସୁର ଛେଳି, ମାରାଗୁଡ଼ା ଛେଳି, ଡାଲୁଆ ଛେଳି, ମାଲକାନଗିରି ଛେଳି, କେଉଁଝର ଛେଳି, ରାଇଘର ଛେଳି, ବଡ଼ବିହନ ଛେଳି, ନାରାୟଣପାଟଣା ଛେଳି, କଳାହାଣ୍ଡି ଛେଳି ଇତ୍ୟାଦି । ତେବେ କେବଳ ଗଞ୍ଜାମ ଛେଳି ଓ ବ୍ଲାକବେଙ୍ଗାଲ ଛେଳି ସର୍ବଭାରତୀୟ ସ୍ତରରେ ସ୍ୱତନ୍ତ୍ର ପ୍ରଜାତି ରୂପେ ମାନ୍ୟତା ପାଇଛନ୍ତି ।

ଏହାଛଡା ପ୍ରାଥମିକ ଗବେଷଣାରୁ ଜଣାପଡିଛି କଳାହାଣ୍ଡି ଛେଳି ଶୀଘ୍ର ବଢିବା ସଙ୍ଗେ ସଙ୍ଗେ ଥରକୁ ୨ ରୁ ୩ଟି ଛୁଆ ଜନ୍ମ କରିଥାଏ । ଏହାଛଡା ମାଲକାନଗିରି ଅଂଚଳରେ ମାଲକାନଗିରି ଛେଳି, ନୟାଗଡ, ଅଂଚଳରେ ଦୋରାଙ୍ଗି, ନବରଙ୍ଗପୁର ଜିଲ୍ଲାର ରାଇଘର ଓ ସମ୍ବଲପୁର ଜିଲ୍ଲାରେ ବ୍ରାଉନ ଜାତିର ଛେଳି ଦେଖାଯାଏ । ତେବେ ଏସବୁ ସ୍ୱତନ୍ତ୍ର ପ୍ରଜାତି ମାନ୍ୟତା ପାଇନାହାନ୍ତି ।

ସିରୋହି, ବିଟାଲ ଓ ଯମୁନାପାରୀ ବୋଦା ଓଡିଶାର ଛେଳି ସହ ପ୍ରଜନନ କରାଇ ସଙ୍କର ଛେଳି ଉତ୍ପନ୍ନ କଲେ ଅଧିକ ଲାଭ ମିଳିପାରିବ । କାରଣ ଆମ ଛେଳିଙ୍କ ୨ରୁ ୩ ଟି ଛୁଆ ଦେବାର କ୍ଷମତା ସହ ଉପରୋକ୍ତ ଛେଳିଙ୍କ ଅଧିକ ଓଜନଦାର ହେବାର କ୍ଷମତା ଜନ୍ମିତ ଛୁଆଙ୍କ ପାଖକୁ ଆସିବ । ସେହିପରି ମାଲପୁରା ଗାରଡ଼ ଓଡିଶାର ମେଣ୍ଢି ସହ ପ୍ରଜନନ କରାଇ ସଙ୍କର ମେଣ୍ଢା ଉତ୍ପନ୍ନ ହୋଇପାରିବ ।

ଛେଳିମାନଙ୍କ ଶାରୀରିକ ଗଠନ, ଶରୀର ବୃଦ୍ଧି ତଥା ବଂଶ ବୃଦ୍ଧି କରିବାର ମୌଳିକ ଗୁଣ ସହିତ ସାଧାରଣତଃ କେଉଁ ଜଳବାୟୁରେ ଉକ୍ତ ଛେଳି ଖାପ ଖୁଆଇ ଚଳିପାରେ ସେହି ସବୁ ଦିଗକୁ ଦୃଷ୍ଟିରେ ରଖି ସାଧାରଣତଃ ଛେଳିମାନଙ୍କୁ ବିଭାଗୀକରଣ କରାଯାଇଥାଏ । ସେହି କାରଣରୁ ଛେଳିମାନଙ୍କୁ ତିନିଶ୍ରେଣୀରେ ବିଭକ୍ତ କରାଯାଇଛି ।

ଯଥା–

କ) ମାଂସ ପ୍ରଦାନକାରୀ ଛେଳି
ଖ) ଦୁଗ୍ଧ ପ୍ରଦାନକାରୀ ଛେଳି
ଗ) ମାଂସ ଓ ଦୁଗ୍ଧ ପ୍ରଦାନକାରୀ ଛେଳି

ଜଣେ ଚାଷୀର ବ୍ୟବସାୟୀକ ଲକ୍ଷ୍ୟ ହିଁ କହିବ ସିଏ କେଉଁ ପ୍ରକାର ଛେଳି ବା ମେଣ୍ଢା ପାଳନ କରିବେ ବା କେଉଁ ପ୍ରକାର ଛେଳି ବା ମେଣ୍ଢା ପାଳନ କରି ବ୍ୟବସାୟରେ ଉନ୍ନତି ହୋଇପାରିବେ । ଓଡିଶା ପରିପ୍ରେକ୍ଷୀରେ ବିଚାର କଲେ ଏଠିକାର ଜଳବାୟୁ ତଥା ଚାରଣ ଭୂଇଁ ଅନୁଯାୟୀ ମାଂସ ପ୍ରଦାନକାରୀ ଛେଳି ବା ମେଣ୍ଢା ପାଳନ ହିଁ ଲୋକପ୍ରିୟ ତଥା ଲାଭଦାୟକ ଅଟେ ।

ଓଡିଶାରେ ଦେଖାଯାଉଥିବା ମୁଖ୍ୟ ଛେଳି ପ୍ରଜାତି ହେଲେ –

୧) କଳା ବେଙ୍ଗଲ ଛେଳି (ବ୍ଲାକବେଙ୍ଗଲ)
୨) ଗଞ୍ଜାମ ଛେଳି
୩) ଘୁମୁସୁର ଛେଳି
୪) ରାଇଘର ଛେଳି
୫) ମାରାଗୁଡା ଛେଳି

## ୧) କଳା ବେଙ୍ଗଲ ଛେଳି (ବ୍ଲାକବେଙ୍ଗଲ )




**ବାସସ୍ଥାନ** - ଏହି ପ୍ରଜାତି ମୁଖ୍ୟତଃ ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଆସାମ ରାଜ୍ୟରେ ଦେଖାଯାଆନ୍ତି । ଆମ ଓଡିଶାରେ କଟକ, ମୟୁରଭଂଜ, ବାଲେଶ୍ୱର, ପୁରୀ, ଫୁଲବାଣୀ, ଅନୁଗୁଳ, କେନ୍ଦୁଝର, ବଲାଙ୍ଗୀର ତଥା ଉତ୍ତରାଞ୍ଚଳ ଜିଲ୍ଲା ମାନଙ୍କରେ ଦେଖାଯାଆନ୍ତି ।

**ରଙ୍ଗ** - ଏଜାତିର ଛେଳି ଗୁଡ଼ିକ ମୁଖ୍ୟତଃ କଳା, ଧୂସର, ମାଟିଆ ବା ଧଳା ରଙ୍ଗ ଓ ମିଶାମିଶି ରଙ୍ଗର ହୋଇଥାଆନ୍ତି ।

**ଗଠନ** - ଆକାର ଛୋଟ । କାନ୍ଧ ଓ ଅଣ୍ଟାର ଉଚ୍ଚତା ପ୍ରାୟ ସମାନ, ଛାତି ଓସାରିଆ, କାନ ଦୁଇଟି ତୀକ୍ଷଣ ଭାବରେ ପ୍ରାୟତଃ ସମାନ୍ତର । ଛୋଟ ଲୋମ ଓ ଏକାଧିକ ଛୁଆ ଜନ୍ମ କରିବା ଆଦି ଏହାର ଲକ୍ଷଣ । ଦେହର ଓଜନ - ବୋଦା ୨୦ ରୁ ୨୫ କି. ଗ୍ରା, ମାଈ ଛେଳି - ୧୧ ରୁ ୧୫ କି.ଗ୍ରା)

**ବିଶେଷ ଗୁଣ** - ଏମାନଙ୍କ ମାଂସ ଅତ୍ୟନ୍ତ ସୁସ୍ୱାଦୁ ଏବଂ ଗୁଣାତ୍ମକ ମାନ ବିଶିଷ୍ଟ । ଏହାର ଚମଡ଼ା ଉତ୍କୃଷ୍ଟ ମାନର । ସାଧାରଣତଃ ଏ ପ୍ରଜାତିର ଛେଳି ଥରକେ ଦୁଇଟି ରୁ ତିନୋଟି ଛୁଆ ଜନ୍ମ କରିଥାଆନ୍ତି । କମ୍ ବୟସରେ ପ୍ରଜନନକ୍ଷମ ହୋଇଥାନ୍ତି । ଦୁଇ ବର୍ଷରେ ୩ ଥର ଛୁଆ ଦେଇଥାଆନ୍ତି । ଭାରତ ଓ ବିଦେଶର ଜୋତା ଉଦ୍ୟୋଗରେ ଏହାର ଚମଡ଼ାର ଚାହିଦା ଅଧିକ ।

## ୨) ଗଞ୍ଜାମ ଛେଳି




**ବାସସ୍ଥାନ** - ଗଞ୍ଜାମ ଛେଳି ମୁଖ୍ୟତଃ ଓଡିଶାରେ ଦକ୍ଷିଣାଞ୍ଚଳ ଜିଲ୍ଲା ଯଥା ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ, କୋରାପୁଟ ତଥା ଏହାର ଆଖପାଖ ଅଞ୍ଚଳରେ ଦେଖାଯାନ୍ତି ।

**ରଙ୍ଗ** - ଦେହର ରଙ୍ଗ ମୁଖ୍ୟତଃ କଳା ଏବଂ ନାଲିଆ ।

**ଗଠନ** - ଏହା ଏକ ମଧମ ଧରଣର ଛେଳି । ଏମାନଙ୍କ ଗୋଡ ଲମ୍ବା ଏବଂ ଆକାରରେ ଉଚ୍ଚା । ଏହି ଛେଳିର ଶିଙ୍ଘ ଲମ୍ବା ଓ ଉପରକୁ ମୋଡ଼ି ହୋଇ ରହିଥାଏ ।

**ବିଶେଷ ଗୁଣ** - ମାଈ ଛେଳି ଥରକେ ମାତ୍ର ଗୋଟିଏ ଛୁଆ ଜନ୍ମ କରେ । ବୟସ୍କ ଛେଳିର ଓଜନ ୩୫ କିଗ୍ରା (ବୋଦା) ଓ ୨୮ କିଗ୍ରା (ମାଈ) ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଗୋଲା ଜାତିର ଲୋକ ମୁଖ୍ୟତଃ ଏ ଜାତିର ଛେଳିକୁ ପାଳନ କରି ଆସୁଛନ୍ତି ।

## ୩) ଘୁମୁସୁର ଛେଳି




**ବାସସ୍ଥାନ** – ଏ ଜାତିର ଛେଳି ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ତଥା ଏହାର ଆଖପାଖ ଅଂଚଳରେ ବିଶେଷ କରି ଦେଖାଯାଆନ୍ତି ।ଏହି ପ୍ରକାର ଛେଳିମାନଙ୍କ ଓଜନ ଗଂଜାମ ଛେଳିମାନଙ୍କ ଓଜନ ଠାରୁ ସାମାନ୍ୟ କମ୍ ହୋଇଥାଏ ।

**ରଙ୍ଗ** – କଳା ଓ ଧୂସର ମିଶ୍ରିତ ରଙ୍ଗର ହୋଇଥାଆନ୍ତ ।

**ଗଠନ** – ମଧ୍ୟମ ଧରଣର ଛେଳି । ସାଧାରଣତଃ ବୋଦା ମାନଙ୍କ ଠାରେ ଦାଢ଼ି ସଦୃଶ ଲୋମ ବଢି ଥାଏ ।

**ବିଶେଷ ଗୁଣ** – ଏହା ମାଂସ ପାଇଁ ଉପଯୋଗୀ । ଏଜାତିର ଛେଳି ଦେହରେ ସାଧାରଣତଃ ଗୋଟିଏ ବେତରେ ଦୁଇଟି ଛୁଆ ଜନ୍ମ କରିବାର ଗୁଣ ରହିଛି । ବୟସ୍କ ଅଣ୍ଡିରା ଛେଳିର ହାରାହାରି ଓଜନ ୨୮ କିଲୋ ଏବଂ ବୟସ୍କ ମାଈ ଛେଳିର ହାରାହାରି ଓଜନ ୨୪ କିଲୋ ହୋଇଥାଏ ।

## ୪) ରାଇଘର ଛେଳି




**ବାସସ୍ଥାନ** – ଏ ଜାତିର ଛେଳି ମୁଖ୍ୟତଃ କୋରାପୁଟ ଜିଲ୍ଲାର ରାଇଘର,ଉମରକୋଟ, ଡାବୁଗାଁ ଅଂଚଳରେ ଦେଖାଯାଆନ୍ତି ।

**ରଙ୍ଗ** – ଏ ଛେଳି ମାନଙ୍କ ରଂଗ ନାଲି । ମୁହଁର ଦୁଇପାଖରେ କପାଳରୁ ନାକ ପର୍ଯ୍ୟନ୍ତ ଏକ ଧଳା ଗାର ଥିବା ଏ ଜାତିର ଛେଳିର ବିଶେଷତ୍ୱ ।

**ଗଠନ**– ଏ ଜାତିର ଛେଳି ମଧ୍ୟମ ଧରଣର ଛେଳି ଅଟନ୍ତି ।

**ବିଶେଷ ଗୁଣ** – ସାଧାରଣତଃ ଥରକେ ଦୁଇଟି ଛୁଆ ଜନ୍ମ କରିଥାନ୍ତି । ବୟସ୍କ ଛେଳିର ଓଜନ ୨୫ ରୁ ୩୫ କି.ଗ୍ରା ମଧ୍ୟରେ ରହିଥାଏ । କମ୍ ବୟସରେ ପ୍ରଜନନକ୍ଷମ ହୋଇଥାଆନ୍ତି ।

## ୫) ମରାଗୁଡା ଛେଳି




**ବାସସ୍ଥାନ** -ଏହି ପ୍ରକାର ଛେଳି ମୁଖ୍ୟତଃ ନୂଆପଡା ଜିଲ୍ଲାର ଖରିଆର, କୋମନା ଅଂଚଳରେ ଦେଖାଯିବା ସହିତ ବରଗଡ, ବଲାଙ୍ଗୀର ଓ କାଳାହାଣ୍ଡି ଜିଲ୍ଲାରେ ମଧ୍ୟ ଦେଖାଯାଏ ।

**ରଙ୍ଗ** -ଏହି ପ୍ରକାର ଛେଳି ମାନଙ୍କର ଦେହର ରଙ୍ଗ ମୁଖ୍ୟତଃ ନାଲିଆ, କଳା ଓ ଧଳା ।

**ଗଠନ**-ଏହି ଛେଳି ମାନଙ୍କର ଶିଂଘ ଲମ୍ବା ଏବଂ ଅନେକ ସ୍ଥଳରେ କାନ ଓହଳା ଥାଏ ।

**ବିଶେଷ ଗୁଣ**- ଅଣ୍ଡିରା ଛେଳି ମାନଙ୍କର ହାରାହାରି ଓଜନ ୩୫ ରୁ ୩୮ କିଲୋ ଥିବାବେଳେ ମାଈ ଛେଳି ମାନଙ୍କର ହାରାହାରି ଓଜନ ୩୦ ରୁ ୩୨ କିଲୋ ହୋଇଥାଏ । ଏ ଛେଳିମାନେ ଥରକେ ଏକାଧିକ ଛୁଆ ଜନ୍ମ କରିଥାନ୍ତି ।

# ଓଡିଶାରେ ଦେଖାଯାଉଥିବା ମୁଖ୍ୟ ମେଣ୍ଢା ପ୍ରଜାତି

୧) ଗଞ୍ଜାମ ମେଣ୍ଢା

୨) ବଲାଙ୍ଗୀର ମେଣ୍ଢା

୩) କେନ୍ଦ୍ରାପଡା ମେଣ୍ଢା

## ୧) ଗଞ୍ଜାମ ମେଣ୍ଢା




**ବାସସ୍ଥାନ** - ଏହି ପ୍ରକାର ମେଣ୍ଢା ମୁଖ୍ୟତଃ ଗଞ୍ଜାମ ଓ କୋରାପୁଟ ଆଖପାଖ ଅଞ୍ଚଳରେ ଦେଖାଯାନ୍ତି ।

**ରଙ୍ଗ** - ଏ ପ୍ରକାର ମେଣ୍ଢା ମାନଙ୍କ ରଙ୍ଗ ମୁଖ୍ୟତଃ ଖଇରିଆ । ଅନେକାଂଶରେ ମୁହଁ ଏବଂ ଦେହରେ ଧଳା ଚିହ୍ନ ମଧ୍ୟ ଥାଏ ।

**ଗଠନ** - ଏହା ଏକ ମଧ୍ୟମ ଧରଣର ମେଣ୍ଢା ଅଟେ । ଏମାନଙ୍କର କାନ ଲମ୍ବାଳିଆ ହେତୁ ସାଧାରଣତଃ ଓହଳିଥାଏ । ଗାରଡମାନଙ୍କ ମୋଟା, ଲମ୍ବା ଓ ମୋଡ଼ି ହୋଇଥିବା ଶିଙ୍ଘ ଥାଏ ଏବଂ ମେଣ୍ଢି ମାନଙ୍କର ଶିଙ୍ଘ ନ ଥାଏ ।

## ୨) ବଲାଙ୍ଗୀର ମେଣ୍ଢା




**ବାସସ୍ଥାନ** - ଏହି ପ୍ରକାର ମେଣ୍ଢା ମୁଖ୍ୟତଃ ବଲାଙ୍ଗୀର, ସମ୍ବଲପୁର ଓ ସୁନ୍ଦରଗଡ ଓ ତାର ଆଖପାଖ ଅଂଚଳରେ ଦେଖାଯାଆନ୍ତି ।

**ରଙ୍ଗ** - ଏ ପ୍ରକାର ମେଣ୍ଢା ମାନଙ୍କର ଦେହର ରଙ୍ଗ ସାଧାରଣତଃ ଖଇରିଆ ।

**ଗଠନ**- ଏହା ଏକ ମଧ୍ୟମ ଧରଣର ମେଣ୍ଢା ଅଟେ । ଏମାନଙ୍କର କାନ ଗୁଡିକ ଛୋଟ । ବିଶେଷତଃ ଗୋଡ ଏବଂ ପେଟ ତଳେ ଲୋମ ନ ଥାଏ ।

## ୩) କେନ୍ଦ୍ରାପଡା ମେଣ୍ଢା




**ବାସସ୍ଥାନ** - ଏହି ପ୍ରକାର ମେଣ୍ଢା ସାଧାରଣତଃ କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ,ଯାଜପୁର, କଟକ ଓ ଭଦ୍ରକ ଜିଲ୍ଲାରେ ଦେଖାଯାନ୍ତି ।

**ରଙ୍ଗ** - ଏ ପ୍ରକାର ମେଣ୍ଢା ମାନଙ୍କର ଦେହର ରଙ୍ଗ ସାଧାରଣତଃ ଖଇରିଆ ।

**ଗଠନ**- ଏହି ପ୍ରଜାତିର ମେଣ୍ଢା ଆକାରରେ ମଧ୍ୟମ ଧରଣର ଅଟନ୍ତି । କାନ ଗୁଡିକ ଠିଆ ଠିଆ ହୋଇଥାଏ । ଉଭୟ ମାଈ ଓ ଅଣ୍ଡିରା ମାନଙ୍କର ଶିଂଘ ନ ଥାଏ । ଏହି ପ୍ରଜାତିର ମେଣ୍ଢା ଅତି ଶାନ୍ତ ସ୍ୱଭାବର ଅଟନ୍ତି ।

**ବିଶେଷ ଗୁଣ** - ଏମାନେ ଥରକେ ଦୁଇଟି ଛୁଆ ଜନ୍ମ କରିଥାଆନ୍ତି ।

# ଗ୍ରାମୀଣ ଅର୍ଥନୀତିକୁ ଛେଳି ଓ ମେଣ୍ଢାଙ୍କ ଅବଦାନ

ଯେଉଁ ଚାଷୀମାନେ ଅଳ୍ପ ଛେଳି ବା ମେଣ୍ଢା ରଖିଛନ୍ତି ଓ ସେମାନେ ଘର ଆଖପାଖରେ ଛେଳି ବା ମେଣ୍ଢାକୁ ଚରାଇଥାନ୍ତି ଓ ସନ୍ଧ୍ୟାରେ ଘରକୁ ଫେରାଇଥାନ୍ତି । ନିଜେ ଚରାଇ ଥିବାରୁ ମଜୁରୀ ଖର୍ଚ୍ଚ ଦେବାକୁ ପଡ଼ି ନଥାଏ ତେଣୁ ଲାଭ ମିଳେ ।

- ଆଦିବାସୀ, ହରିଜନ, ପଛୁଆ ବର୍ଗ ଏବଂ ମହିଳା ମାନଙ୍କ ପାଇଁ ଛେଳି ମେଣ୍ଢା ପାଳନ ଏକ ଅର୍ଥ ଉପାର୍ଜନର ପ୍ରଧାନ ପନ୍ଥା ।
- କମ୍ ମୂଳଧନ ଓ ସ୍ୱଳ୍ପ ପରିଶ୍ରମରେ ଛେଳି ମେଣ୍ଢା ପାଳନ କରାଯାଇପାରେ ।
- ଛେଳି ମାଂସର ଚାହିଦା ବହୁତ ରହିଛି ।
- ପୁଷ୍ଟିସାର ଖାଦ୍ୟର ଚାହିଦା ମେଣ୍ଟାଇବାରେ ସାହାଯ୍ୟ କରିଥାଏ ।
- ଧରାଣ ହୋଇଥିବା ଅଣ୍ଡିରା ଛେଳି (ଖାସି)ର ମୂଲ୍ୟ ପ୍ରାୟ ୪୦୦୦ ଟଙ୍କା ହୋଇଥାଏ ।
- ଖାସି ମାଂସର ମୂଲ୍ୟ – ୬୦୦-୬୫୦ ଟଙ୍କା କି.ଗ୍ରା. ପ୍ରତି ହୋଇଥାଏ ।
- ୫ ଗୋଟି ମାଈ ଛେଳି ବା ମେଣ୍ଢା ପାଳିଲେ, ବାର୍ଷିକ ଲାଭ (ଛେଳି ବିକ୍ରି):୧୫,୦୦୦ – ୨୦,୦୦୦ ଟଙ୍କା ମିଳିଥାଏ ।



# ଛେଳି ଓ ମେଣ୍ଢା  ମାନଙ୍କ ସାଧାରଣ ପରିପାଳନ

ଓଡ଼ିଶାରେ ଲୋକେ ଆବାହମାନ କାଳରୁ ଗୃହପାଳିତ ପଶୁ ହିସାବରେ ଛେଳି ଓ ମେଣ୍ଢାକୁ ପାଳନ କରିଆସୁଛନ୍ତି । ଏମାନେ ସାଧାରଣତଃ  ଛୋଟ ଛୁଆ, ବୋଦା କିମ୍ବା ମାଈ ଛେଳି ମେଣ୍ଢା ମାନଙ୍କୁ  ଅଲଗା ଅଲଗା ଗୁହାଳରେ ରଖିନଥାନ୍ତି । ସାଧାରଣତଃ ଲୋକେ ଖୋଲାରେ କିମ୍ବା ଗଛତଳେ ଛେଳି ମେଣ୍ଢା ମାନଙ୍କୁ ରଖନ୍ତି । ଯାହାଦ୍ୱାରା ଖରାପ ପାଗ ସମୟରେ ଯଥା ବର୍ଷାଦିନେ ଓ ଶୀତ ଦିନମାନଙ୍କରେ ଅଧିକ ସଂଖ୍ୟାରେ ଛେଳି ମେଣ୍ଢା ମୃତ୍ୟୁବରଣ କରିଥାଆନ୍ତି । ତେଣୁ ପାରମ୍ପରିକ ରୀତିରେ ପରିପାଳନ ନ କରି ସାମାନ୍ୟ  ବୈଜ୍ଞାନିକ ପଦ୍ଧତିକୁ ଅନୁସରଣ କଲେ ଚାଷୀମାନେ ବିଶେଷ ଭାବରେ ଲାଭାନ୍ୱିତ ହୋଇପାରିବେ । ବ୍ୟବସାୟିକ  ଭିତ୍ତିରେ  ପରିପାଳନ ପାଇଁ ବିଜ୍ଞାନ ଧାରାକୁ ଗ୍ରହଣ କରିବା ବର୍ତ୍ତମାନର ପ୍ରତିଦ୍ୱନ୍ଦିତା ମୂଳକ ଯୁଗରେ ଅପରିହାର୍ଯ୍ୟ ହୋଇ ପଡିଛି । ଫଳରେ ଏ ଧାରାକୁ ଅବଲମ୍ବନ କଲେ ଚାଷୀଟି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ସୁରକ୍ଷିତ ରହିପାରିବ । ଏଥିପାଇଁ ଚାଷୀ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ପାଡିବ । ଯଥା-

କ) ଘର

ଖ) ଖାଦ୍ୟ

ଗ) ରୋଗ

ଘ) ସାଧାରଣ ପରିପାଳନ

ଙ) ଘାସ ଚାଷର ଭୂମିକା/ ବୃକ୍ଷ ରୋପଣ

ଚ) ପ୍ରଜନନ

ଛ) ଛେଳି ଚୟନ

ଜ) ଖାସୁକରଣ

# ଛେଳି ଓ ମେଣ୍ଢା ପାଇଁ ଘର

ଛେଳି ଓ ମେଣ୍ଢା ମାନଙ୍କୁ ଅତ୍ୟଧିକ ଗରମ, ଥଣ୍ଡା ଓ ଆର୍ଦ୍ରତାରୁ ରକ୍ଷା କରିବା ପାଇଁ ଏବଂ ବନ୍ୟଜନ୍ତୁ ଓ ଚୋର ଦାଉରୁ ରକ୍ଷା କରିବା ପାଇଁ ଉପଯୁକ୍ତ ଘର ଆବଶ୍ୟକ । ଏମାନଙ୍କର ପ୍ରକୃତିଗତ ଗୁଣ ହେତୁ ନିବୁଜିଆ, ସନ୍ତସନ୍ତିଆ ସ୍ଥାନକୁ ପସନ୍ଦ କରନ୍ତି ନାହିଁ ବରଂ ସଫା, ଉଚ୍ଚା ଏବଂ ଖୋଲାସ୍ଥାନରେ ରହିବାକୁ ଭଲପାଆନ୍ତି ।

ଗୋଟିଏ ଦୁଇଟି ଛେଳି ବା ମେଣ୍ଢା ପାଇଁ ସ୍ୱତନ୍ତ୍ର ଘରର ଆବଶ୍ୟକତା ନଥାଏ କିନ୍ତୁ ବ୍ୟବସାୟିକ ଭିତ୍ତିରେ ପାଳନ କଲେ ସ୍ୱତନ୍ତ୍ର ଘର ତିଆରି କରିବା ଜରୁରୀ । ଆଖପାଖରେ ମିଳୁଥିବା ଘରତିଆରି ଉପକରଣ ବ୍ୟବହାର କରି ଖୁବ୍ କମ୍ ଖର୍ଚ୍ଚରେ ମଧ୍ୟ ଗୁହାଳଟିଏ ତିଆରି କରାଯାଇ ପାରିବ । ପାଳଛାଉଣୀ ବା ପତ୍ରଛାଉଣୀ ସହ ବାଉଁଶ ବାଡ଼ ଘେରି ଦେଇ ମଧ୍ୟ ଛେଳି ଓ ମେଣ୍ଢା ମାନଙ୍କୁ ରଖାଯାଇପାରିବ ।

ଚାଷୀଟି ଗୁହାଳ ତିଆରି କରିବା ସମୟରେ ନିମ୍ନଲିଖିତ କେତୋଟି ବିଷୟ ଉପରେ ବିଶେଷ ଦୃଷ୍ଟି ଦେବାକୁ ପଡିବ ଯଥା-

୧. ଗୁହାଳଟି ଏକ ଉଚ୍ଚସ୍ଥାନରେ ହେବା ଦରକାର ।

୨. ସ୍ଥାନଟି ଶୁଷ୍କ, ଉଜ୍ଜ୍ୱଳ ଆଲୋକ ଓ ଜୀବାଣୁମୁକ୍ତ ହେବା ଦରକାର ।

୩. ବିଭିନ୍ନ ବର୍ଗର ପଶୁମାନଙ୍କ ପାଇଁ ଅଲଗା ଅଲଗା ଘରର ଆବଶ୍ୟକତା ଅଛି ।

୪. ଯଥେଷ୍ଟ ପରିମାଣରେ ମୁକ୍ତ ବାୟୁ ଚଳାଚଳ କରି ପାରୁଥିବା ଦରକାର ।

୫. ଆମ ଜଳବାୟୁରେ ଘରର ଲମ୍ବା ଅଂଶ ପୂର୍ବ -ପଶ୍ଚିମ ମୁହାଁ ହେଲେ ଘରକୁ ସିଧା ସଳଖ ସୁର୍ଯ୍ୟ କିରଣ ପଡିଥାଏ ତେଣୁ ଗୁହାଳଟି ଶିଘ୍ର ଶୁଖିଯାଏ ଏବଂ ନିର୍ମଳ ରହିଥାଏ ।

୬. ଘରର ଚଟାଣ ଗଡାଣିଆ ହେଲେ ଘର ଶୁଖିଲା ରହେ ।

୭. ଘର ଭିତରେ ନିର୍ମଳ ପାଣି ପିଇବାର ବ୍ୟବସ୍ଥା ରଖିବା ଉଚିତ୍ ।

୮. ଘର ଭିତରେ ଖାଦ୍ୟ ଖାଇବା ପାଇଁ କୁଣ୍ଡର ବ୍ୟବସ୍ଥା ରଖିବା ଉଚିତ୍ ।

୯. ଛୁଆମାନେ ଚଲାବୁଲା କରିବା ପାଇଁ ଯଥେଷ୍ଟ ସ୍ଥାନର ବନ୍ଦୋବସ୍ତ ରଖିଥିଲେ ସେଇଠି ଛୁଆମାନେ ଡିଆଁ ଡେଇଁ କରିପାରିବେ ।

## ଘରର ପ୍ରକାର



## (କ) ମାଟି ଉପରେ ସମତଳ ଘର

## (ଖ) ଭାଡ଼ି ଘର

**(କ) ସମତଳ ଘର :** ସ୍ୱଳ୍ପବର୍ଷା ହେଉଥିବା ଜାଗାମାନଙ୍କରେ ଏହି ପ୍ରକାର ଘର ଦେଖାଯାଏ । ଏହି ଘର ଏକ ଉଚ୍ଚ ଓ ଶୁଖିଲା ଜାଗାରେ ହେବା ଆବଶ୍ୟକ । ଘରର ଭିତର ସ୍ଥାନରେ ୬ ଇଞ୍ଚ ବହଳର ବାଲି ପକାଯାଏ ।



ଋଷୀଙ୍କ ଘରର ମୁଖ୍ୟ କାନ୍ଥଠୁ ଏହା ବାହାରକୁ ବାହାରିଥାଏ । ଯାହାର ଉଚ୍ଚତା ୮ ଫୁଟ ଭିତର କାନ୍ଥ ଓ ୬ ଫୁଟ୍ ବାହାର କାନ୍ଥ । ଘର ସାଧାରଣତଃ ନଡ଼ା ଛପରରେ ତିଆରି ହୋଇଥାଏ । ଘରର ଛାତକୁ ତିନି ଫୁଟ ଆଗକୁ ବାହାର କଲେ ବର୍ଷା ଓ ଖରାରୁ ରକ୍ଷା କରାଯାଇଥାଏ । ଅଣ୍ଡିରା ଛେଳି ବା ମେଣ୍ଢାକୁ କ୍ଷୀର ଦେଉଥିବା ମାଇ ମାନଙ୍କ ଠାରୁ ଅଲଗା ରଖିବା ଉଚିତ ଓ ଏକାଧିକ ଅଣ୍ଡିରା ଛେଳି ବା ମେଣ୍ଢା ଥିଲେ ସେମାନଙ୍କୁ ମଧ୍ୟ ପରସ୍ପରଠାରୁ ଅଲଗା ରଖିବା ଆବଶ୍ୟକ ।

### ବାୟୁ ଚଳାଚଳ :

ଘରର ଉଭୟ ପାର୍ଶ୍ୱରେ ୨୫% ଖୋଲାଯାଗା ମୁକ୍ତ ବାୟୁ ଚଳାଚଳ ପାଇଁ ଆବଶ୍ୟକ । ୧.୨ ମିଟର (୪ଫୁଟ) ଉଚ୍ଚ କାନ୍ଥଥିବା ଘରେ ଝରକା ରହିବା ଆବଶ୍ୟକ । ଘର ଛାତର ଉଚ୍ଚତା ୩- ୩.୫ ମିଟର (୧୦ଫୁଟ) ହେବା ଉଚିତ । ନଡ଼ାଛପର ମୋଟେଇ - ୫-୭.୫ ସେ.ମି. (୨-୩ ଇଞ୍ଚ) ହେବା ଉଚିତ ।

### ଛେଳି ଓ ମେଣ୍ଢା ପାଇଁ ଚଟାଣ (ମେଜିଆ) ଜାଗା :

ଛୁଆ ପ୍ରତି ୫ ବର୍ଗ ଫୁଟ


ବୋଦା ପ୍ରତି ୨୦ ବର୍ଗ ଫୁଟ

ବୟସ୍କ ମାଇଛେଳି ପ୍ରତି ୧୦-୧୨ ବର୍ଗ ଫୁଟ ଓ ଗର୍ଭବତୀ ଛେଳି ପ୍ରତି ୧୨-୧୫ ବର୍ଗ ଫୁଟ (ହାରାହାରି)

### ଖ) ଭାଡ଼ିଘର :

ଏହା ଛେଳି ବା ମେଣ୍ଢା ମାନଙ୍କର ଏକ ଉତ୍ତମ ଘର ଅଟେ । ମାଟି ଉପରୁ ୩ ଫୁଟ୍ ଉଚ୍ଚରେ ଏକ ଭାଡ଼ି କରାଯାଏ । ଭାଡ଼ି ବାଉଁଶ, ପଟା, କାଠରେ କରାଯାଇପାରେ । ଏହା ଦ୍ୱାରା ମଳ ଓ ମୂତ୍ର ଭାଡ଼ିରୁ ତଳକୁ ଗଡ଼ିଯାଏ ଓ ଏକ ସୁସ୍ଥ ବାତାବରଣ ସୃଷ୍ଟିକରେ । ପ୍ରଥମାବସ୍ଥାରେ ଯଦିଓ ଏହା ଖର୍ଚ୍ଚ ସାପେକ୍ଷ, କାଳକ୍ରମେ ନିୟନ୍ତ୍ରିତ ମୃତ୍ୟୁହାର ଓ ସ୍ୱଳ୍ପ ଶ୍ରମିକ ଖର୍ଚ୍ଚ ଯୋଗୁଁ ଲାଭଦାୟକ ହୋଇଥାଏ । ପ୍ରତି କାଠ ବା ବାଉଁଶର ଦୂରତା ୦.୫ ଇଞ୍ଚ, ପଟାର ମୋଟେଇ ୧-୨ ଇଞ୍ଚ ଓ ପ୍ରସ୍ଥ ୨-୪ ଇଞ୍ଚ ହେବା ଆବଶ୍ୟକ । ଛେଳି ମେଣ୍ଢାଙ୍କ ଘରର ଚଟାଣ ମାଟିରେ ତିଆରି କଲେ ବର୍ଷା ଋତୁରେ ଓଦା ହୋଇ ସନ୍ତସନ୍ତିଆ ହେବା ଯୋଗୁଁ ଛେଳି ବା ମେଣ୍ଢା ରୋଗାକ୍ରାନ୍ତ ହେବାର ସମ୍ଭାବନା ଥାଏ । ତେଣୁ ଭାଡ଼ିଘର ସର୍ବୋତ୍କୃଷ୍ଟ ମାତ୍ର ଏହା ଖର୍ଚ୍ଚବହୁଳ ।






## ଭାଡ଼ିଘର କରିବା ଦ୍ୱାରା ଲାଭ



୧) ଭାଡି ଗୁହାଳ ଅନ୍ୟ ଗୁହାଳ ଅପେକ୍ଷା ସଫା ରହେ ତେଣୁ ଛେଳି ମେଣ୍ଢା ଅରାମରେ ରହିପାରନ୍ତି ।

୨) ମଳ ଓ ମୂତ୍ର ସବୁ ଭାଡି ତଳକୁ ପଡିଯାଏ ଏବଂ ଜନ୍ତୁଟି ମଳମୂତ୍ର ସଂସ୍ପର୍ଶରେ ଆସୁନଥିବାରୁ ରୋଗ କମ୍ ହୋଇଥାଏ ।

୩) ପ୍ରତିଦିନ ଭାଡିକୁ ଝାଡୁ ମାରି ସଫା କରିବା ସହଜ ହୋଇଥାଏ ।

ଦୁଧିଆଳୀ ମାଈ ଛେଳି ବା ମେଣ୍ଢୀ ମାନଙ୍କୁ ଠିକ୍ ସମୟ ବ୍ୟବଧାନରେ ଦିନରେ ଅନ୍ତତଃ ଦୁଇଥର ଦୁହିଁବା ଉଚିତ୍ । ମନେ ରଖିବା ଉଚିତ୍ ଯେ ସ୍ୱାସ୍ଥ୍ୟକର ପରିବେଶରେ ପରିପାଳନ କଲେ ଅଧିକ ଉତ୍ପାଦନ ମିଳିଥାଏ । ଏଣେତେଣେ ପଳାଇବା ଛେଳି ମେଣ୍ଢା ମାନଙ୍କର ଏକ ସ୍ୱାଭାବିକ ଗୁଣ । ତେଣୁ ଦୁଷ୍ଟ ଛେଳି ବା ମେଣ୍ଢା ଛୁଆମାନଙ୍କ ପ୍ରତି ସ୍ୱତନ୍ତ୍ରଭାବରେ ଦୃଷ୍ଟି ଦେବା ଦରକାର । ଗୁହାଳରେ ବନ୍ଧା ହେଉଥିବା ଛେଳି ଓ ମେଣ୍ଢା ମାନଙ୍କ ଖୁରାଗୁଡିକୁ ମାସରେ ଅନ୍ତତଃ ଥରେ "ଖୁରାକଟା ଯନ୍ତ୍ର"ରେ କାଟି କିମ୍ବା କଇଁଚିରେ କାଟି ଛୋଟ କରିଦେବା ଦରକାର । ନଚେତ୍ ସେମାନେ ଚାଲିବାରେ ଅସୁବିଧା ହୋଇଥାଏ ।



## ଛେଳିର ବୟସ ନିର୍ଦ୍ଧାରଣ

ସାଧାରଣତଃ ଗୋଟିଏ ଛେଳି ୧୨ - ୧୫ ମାସ ବୟସରେ ପ୍ରଜନନକ୍ଷମ ହୋଇଥାଏ ଓ ୧୮ - ୨୦ ମାସ ବୟସରେ ପ୍ରଥମ ଥର ପାଇଁ ଛୁଆଜନ୍ମ କରିଥାଏ। ଜଣେକେହି ଛେଳିର ଦାନ୍ତ ଦେଖି ବୟସ ନିର୍ଦ୍ଧାରଣ କରିପାରିବେ। ତଳ ପାଟିରେ ଥିବା କର୍ତ୍ତନ ଦାନ୍ତକୁ ଦେଖି ଛେଳିର ବୟସ ନିର୍ଦ୍ଧାରଣ କରାଯାଇଥାଏ। ଜନ୍ମ ସମୟରେ ଛେଳି ଛୁଆର ୪ ହଳ ଦାନ୍ତ ଥାଏ ଯାହାକି ପରବର୍ତ୍ତୀ ବୟସରେ ସ୍ଥାୟୀ ଦାନ୍ତ ଦ୍ୱାରା ବଦଳ ହୋଇଥାଏ। ଏହ ସ୍ଥାୟୀ ଦାନ୍ତ ଉଠିବା ଛେଳିର ଖାଦ୍ୟର ପ୍ରକାର, ଖାଦ୍ୟ ଖାଇବା ପ୍ରଣାଳୀ ଓ ପରିଚାଳନା ବ୍ୟବସ୍ଥା ଉପରେ ନିର୍ଭର କରିଥାଏ। ସ୍ଥାୟୀ ଦାନ୍ତ ବାହାରିବା ପରେ, ଦାନ୍ତ ଘୋରି ହେବାକୁ ଲକ୍ଷ୍ୟ କରି ଛେଳିର ଆନୁମାନିକ ବୟସ ଜାଣିପାରିବା। ସମ୍ପୂର୍ଣ୍ଣ ୪ ହଳ ଦାନ୍ତ ବାହାରିବାର ୫ - ୬ ସପ୍ତାହ ପରେ ଦାନ୍ତ ଘୋରି ହେବା ପରିଲକ୍ଷିତ ହୁଏ।



ପ୍ରଥମ ମଧ୍ୟ ହଳ - ୧୨ - ୨୪ ମାସ (୨ ଦାନ୍ତ)



ଦ୍ୱିତୀୟ ମଧ୍ୟ ହଳ - ୨୪ - ୨୬ ମାସ (୪ ଦାନ୍ତ)



ତୃତୀୟ ପାର୍ଶ୍ୱହଳ - ୩୬ - ୩୮ ମାସ (୬ ଦାନ୍ତ)



କୋଣହଳ - ୪୮ - ୫୦ ମାସ (୮ ଦାନ୍ତ)

# ଛେଳି ଓ ମେଣ୍ଢା ପାଇଁ ଖାଦ୍ୟ



ଓଡ଼ିଶାରେ ସାଧାରଣତଃ ମାଂସ ପାଇଁ ଛେଳି ଓ ମେଣ୍ଢା ରଖାଯାଏ । ଆମ ରାଜ୍ୟରେ ଭୂମିହୀନ ଏବଂ ସ୍ୱଳ୍ପ ରୋଜଗାରକ୍ଷମ ଲୋକମାନେ ଛେଳି ଓ ମେଣ୍ଢା ପାଳନ କରୁଥିବାରୁ ନିୟମିତ ଦାନା ଖୁଆଇ ପାରନ୍ତିନାହିଁ । ସାଧାରଣତଃ ସକାଳେ ଛେଳି ଓ ମେଣ୍ଢା ମାନଙ୍କୁ ଚରେଇ ବୁଲେଇ ଓ ଡ଼ାଳପତ୍ର ଖୁଆଇଥାଆନ୍ତି ଏକ ବୟସ୍କ ଛେଳି ବା ମେଣ୍ଢା ବଢ଼ିବାପାଇଁ ୨/୩ ଭାଗ ଶକ୍ତି ଗଛପତ୍ରରୁ ପାଇଥାଏ । ଏମାନଙ୍କର ଶୁଷ୍କ ଘାସ ଖାଇ ହଜମ କରିବା ଶକ୍ତି ମଧ ଖୁବ୍ ଭଲ । ଛେଳି ବା ମେଣ୍ଢା ଯଦି ଯଥେଷ୍ଟ ଘାସ, ଡ଼ାଳପତ୍ର ଚରିବାକୁ ପାଉଛି ବା ପାଖ ପାହାଡ଼ିଆ ଜଙ୍ଗଲକୁ ଚରିବାକୁ ଯାଉଛି, ତାହେଲେ ଅଧିକ ଖାଦ୍ୟର ଆବଶ୍ୟକତା ନ ଥାଏ । ଗର୍ଭାବସ୍ଥାରେ ଏବଂ ଘାସ ଓ ଡାଳପତ୍ର ଅଭାବ ସମୟରେ ଦାନା ଦେବା ଆବଶ୍ୟକ ହୋଇଥାଏ ।

ସାଧାରଣତଃ ଜଙ୍ଗଲରେ ଚରିବୁଲି ଖାଇବାର ପ୍ରତିବନ୍ଧକ ଓ ବର୍ଷର ସବୁ ସମୟରେ ସବୁଜ ପତ୍ରର ଅଭାବରୁ ଏମାନେ ସବୁ ସମୟରେ ଉତ୍ତମ ରୂପେ ବଢ଼ିପାରନ୍ତି ନାହିଁ । ତେଣୁ ସେହି ଶୁଷ୍କ ସମୟରେ ଚାଷୀ, ଛେଳି ବା ମେଣ୍ଢାଟିକୁ ବିକ୍ରି କରିଦେଇଥାଏ ଓ ପ୍ରକୃତ ମୂଲ୍ୟ ପାଇପାରେ ନାହିଁ । ଗ୍ରାହକ ମଧ ସମାନ ଖର୍ଚ୍ଚ କରି ଉତ୍ତମ ମାଂସ ପାଇପାରେ ନାହିଁ । ସେଥିପାଇଁ ଛେଳି ବା ମେଣ୍ଢାମାନଙ୍କୁ ସବୁସମୟରେ ଯଥା ଛୋଟ ଅବସ୍ଥା, ବଢ଼ିବା ସମୟରେ ଓ ବିକ୍ରି ସମୟରେ ପୁଷ୍ଟିକର ଖାଦ୍ୟ ଦେବା ନିତାନ୍ତ ଆବଶ୍ୟକ । ସେମାନଙ୍କୁ ସବୁ ପ୍ରକାର ପତ୍ର, ଘାସ ଓ ବୁଦାଜାତୀୟ ପତ୍ର ଖାଇବାକୁ ଦିଆଯାଇପାରେ । ଶସ୍ୟଜାତୀୟ ଖାଦ୍ୟ ଛେଳି ବା ମେଣ୍ଢା ମାନଙ୍କ ପ୍ରିୟ ଖାଦ୍ୟ । ଆଗକୁ ଦୁଇ ଗୋଡ ଟେକି ବେକକୁ ଆଗକୁ ବେଢଇ ଛେଳି ବହୁତ ଉଚ୍ଚରେ ଥିବା ଡାଳକୁ ଖାଇପାରେ । ତାକୁ ସେଥିପାଇଁ ବ୍ରାଉଜିଙ୍ଗ୍ ପ୍ରାଣୀ କୁହାଯାଏ । ବର୍ଷା, ଝଡ, ଅତି କୁହୁଡିଆ କୋହଲା ପାଗରେ ଯେତେ ବେଳେ ଛେଳି ବା ମେଣ୍ଢା ବାହାରକୁ ଯାଇ ପାରେ ନାହିଁ ସେହି ସମୟରେ ୨/୩ ବିଡା ଡାଳ ବା ସବୁଜ ଘାସ ଗୁହାଳରେ ବାନ୍ଧି ଦେଲେ ଛେଳି ବା ମେଣ୍ଢା ତାକୁ ଖାଇଥାଏ ।

### ଖାଦ୍ୟର ଆବଶ୍ୟକତା:

ସାଧାରଣତଃ ବଢ଼ିବା ପାଇଁ, ପ୍ରଜନନ ପାଇଁ, କ୍ଷୀରଦେବା ପାଇଁ ଓ ଦେହ ପରିପୋଷଣ ପାଇଁ ଖାଦ୍ୟର ଆବଶ୍ୟକ ହୋଇଥାଏ । ଏକ ୨୦ କି.ଗ୍ରା. ଓଜନର ଛେଳି ବା ମେଣ୍ଢା ପ୍ରତିଦିନ ୨.୪ କି.ଗ୍ରା. ଘାସ ଆବଶ୍ୟକ କରିଥାଏ । ଗୋଟିଏ ୧୫ ରୁ ୨୦କିଲୋ ଓଜନର ବର୍ଦ୍ଧିଷ୍ଣୁ ଛେଳି ବା ମେଣ୍ଢାକୁ ଦୈନିକ ୨୦୦ରୁ ୩୦୦ ଗ୍ରାମ ସୁଷମଦାନା ଓ ୨-୨.୫ କି.ଗ୍ରା. ଘାସ ପତ୍ର ଦେବା ଉଚିତ ଓ ୨୫ ରୁ ୩୦ କିଲୋର ବଡ ଛେଳି ବା ମେଣ୍ଢା କୁ ଦୈନିକ ୨୦୦ ରୁ ୩୦୦ ଗ୍ରାମ ସୁଷମ ଦାନା ଓ ୨-୩ କିଲୋ ଘାସ/ପତ୍ର ଦେବା ଉଚିତ । ୫ମାସରୁ ଅଧିକ ଗର୍ଭ ଥିଲେ ୧୦୦ ରୁ ୨୦୦ ଗ୍ରାମ ଅଧିକ ଦାନା ଆବଶ୍ୟକ ପଡ଼େ ।

## ପାଣିର ଆବଶ୍ୟକତା :

ଶରୀର ବଢ଼ିବା ପାଇଁ ପାଣିର ଯଥେଷ୍ଟ ଆବଶ୍ୟକତା ଅଛି । ସ୍ୱଳ୍ପ ପାଣି ପିଇବା ଦ୍ୱାରା ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ । ସେଥିପାଇଁ ଛେଳି ବା ମେଣ୍ଢା କୁ ତା'ର ବୟସ, ଓଜନ ଓ ଶରୀର ଗଠନ ଅନୁଯାୟୀ ପାଣି ଦେବା ଆବଶ୍ୟକ । ଯଦି ଗୋଟିଏ ଛେଳି ବା ମେଣ୍ଢା ୧ କି.ଗ୍ରା. ଶୁଖିଲା ଖାଦ୍ୟ ଖାଉଥାଏ ତେବେ ତାକୁ ୪ ଲିଟର ପାଣି ଆବଶ୍ୟକ । ଖରାଦିନେ ଗରମ ସମୟରେ ପାଣିର ଆବଶ୍ୟକତା ଅଧିକ ।

**ଉଦାହରଣ -**

ଗୋଟିଏ ୨୦ କି.ଗ୍ରା ଓଜନର ଛେଳି ବା ମେଣ୍ଢା ପାଇଁ ପ୍ରାୟ ୨.୫ ଲିଟର୍ ପାଣିର ଆବଶ୍ୟକତା ପଡ଼ିଥାଏ ।

## ଛେଳି ବା ମେଣ୍ଢାର ଦୈନନ୍ଦିନ ଖାଦ୍ୟର ଆବଶ୍ୟକତା :

| ଛେଳି ବା ମେଣ୍ଢା ବୟସ | ଓଜନ ବୃଦ୍ଧି କି.ଗ୍ରା. | ସବୁଜ ଘାସ/ପତ୍ରର ଆବଶ୍ୟକତା କି.ଗ୍ରା. | ଦାନା (ଗ୍ରାମ) |
|---|---|---|---|
| ବଢୁଥିବା ଛେଳି ବା ମେଣ୍ଢା | ୧୫-୨୦ | ୨-୨.୫ | ୨୦୦ -୩୦୦ |
| ବୟସ୍କ ବୋଦା | ୨୫-୩୦ | ୨-୪ | ୨୦୦-୩୦୦ |
| ପ୍ରଜନନ ସମୟରେ | ୨୫-୩୦ | ୨-୪ | ୪୫୦-୯୦୦ |
| ଗର୍ଭବତୀ | ୨୫-୩୦ | ୨-୪ | ୨୦୦-୪୦୦ |
| କ୍ଷୀର ଦେଉଥିବା | ୨୫-୩୦ | ୨-୪ | ୨୦୦-୪୦୦ |

## ଉତ୍ପାଦନ ବଢ଼ାଇବା ପାଇଁ କେତୋଟି ଆବଶ୍ୟକୀୟ ପଦକ୍ଷେପ :

୧. ନିଜ ବାଡି ବା ଅଗଣାରେ ଅଧିକ ଗଛ ଲଗାଇବା ଉଚିତ୍

୨. ବିଭିନ୍ନ ପ୍ରକାର ବୁଦା ଓ ଗଛପତ୍ର ବ୍ୟବହାର କରିବା ଉଚିତ୍ ।

୩. ବଳକା ଖାଦ୍ୟର ସଦ୍‌ବ୍ୟବହାର କରିବା ଉଚିତ୍ ।

୪. ଉନ୍ନତ ଖାଇବା ପ୍ରଣାଳୀକୁ ଅନୁସରଣ କରିବା ଉଚିତ୍ ।

୫. ଚାଟିବା ପାଇଁ ପଥର ଲୁଣ କିମ୍ବା ଖାଦ୍ୟରେ ଛେଳି ପ୍ରତି ୪ ଗ୍ରାମ୍ ପର୍ଯ୍ୟନ୍ତ ଲୁଣ ଦେଲେ ଛେଳି ଅଧିକ ଉତ୍ପାଦନ କ୍ଷମ ହୋଇଥାଏ ।



**ଚାଟିବା ପାଇଁ ପଥର ଲୁଣ**

# ଛେଳି ବା ମେଣ୍ଢା ଛୁଆମାନଙ୍କ ପାଇଁ ଖାଦ୍ୟ :



ଆମ ରାଜ୍ୟରେ ଦେଖାଯାଉଥିବା ବିଭିନ୍ନ ଜାତିର ଛେଳି ମେଣ୍ଢା ମାନଙ୍କ ମଧ୍ୟରୁ ଅନେକ ଛେଳି ମେଣ୍ଢା ଦୁଇଟି ବା ତିନୋଟି ଛୁଆ ଜନ୍ମ କରିଥାନ୍ତି । ଆମର ଜଳବାୟୁ ଓ ଏଠିକାର ପରିବେଶ ଅନୁସାରେ ଯେଉଁ ଜାତିର ଛେଳି ଓ ମେଣ୍ଢା ସବୁ ଅଛନ୍ତି ସମସ୍ତେ ମାଂସ ପ୍ରଦାନକାରୀ ଅଟନ୍ତି । ଏମାନଙ୍କ ଠାରୁ ଛୁଆ କ୍ଷୀର ଖାଇ ସାରିବା ପରେ ବଳକା କ୍ଷୀର ଆଖିଦୃଷ୍ଟିଆ ପରିମାଣରେ ନ ଥାଏ । ଅନେକ କ୍ଷେତ୍ରରେ ଦେଖା ଦେଇଛି ଯେ ଯେଉଁ ଛେଳି ବା ମେଣ୍ଢା ତିନୋଟି ବା ଚାରୋଟି ଛୁଆ ଜନ୍ମ କରିଥାଏ, ଯତ୍ନ ଅଭାବରୁ ବା ଖାଦ୍ୟ ଅଭାବରୁ ସବୁ ଛୁଆ ମରିଯିବାର ସମ୍ଭାବନା ଅଧିକ । ଏହାର ମୁଖ୍ୟ କାରଣ ହେଲା ତିନୋଟି ବା ଚାରୋଟି ଛୁଆ ଜନ୍ମ କାରିଥିବା ମା' ନିଜ ଛୁଆକୁ ପେଟ ପୁରା କ୍ଷୀର ପିଆଇବା ପାଇଁ ସକ୍ଷମ ହୋଇନଥାଏ । ତେଣୁ ସମସ୍ତ ଛୁଆଙ୍କୁ ବଂଚେଇ ବଡ କରିବା ପାଇଁ ଏଠାରେ ଚାଷୀର ବିଶେଷ ଭୂମିକା ରହିଛି । ଛୁଆ ଜନ୍ମ କରିଥିବା ମା' ଛେଳି ବା ମେଣ୍ଢା କୁ କ୍ଷୀର ଉତ୍ପାଦନ ବଢ଼ାଇବା ପାଇଁ କଂଚା ଘାସ, ଡ଼ାଳପତ୍ର ଓ ସୁଷମ ଦାନା ଦେବା ସଂଗେ ସଂଗେ ଛୁଆ ମାନଙ୍କୁ ପାଳି କରି କ୍ଷୀର ପିଆଇବା ଦରକାର ।

ଆମ ରାଜ୍ୟରେ ଅଧିକାଂଶ ଅଞ୍ଚଳରେ ଗୋଟିଏ ଅନ୍ଧବିଶ୍ୱାସ ଅଛି ଯେ, ବାଛୁରୀ ବା ଛେଳିମେଣ୍ଢା ଛୁଆକୁ କଷ କ୍ଷୀର ଦେବା କଥା ନୁହେଁ । ଅନେକ ଚାଷୀମାନେ ଏ କଷ କ୍ଷୀରକୁ ଦୁହିଁ କରି ଫୋପାଡି ଦିଅନ୍ତି ବା ନିଜେ ସିଝେଇ ଛେନା ତିଆରି କରି ବାଣ୍ଟି ଦେବାର ପରମ୍ପରା ରହିଛି । ଏ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ଛୁଆ ଜନ୍ମର ଘଣ୍ଟାକପରେ କଷକ୍ଷୀର ଛେଳିମେଣ୍ଢା ଛୁଆକୁ ପିଆଇଦେବା ଆବଶ୍ୟକ, କାରଣ କଷକ୍ଷୀରରେ ବହୁତ ହିତକାରୀ ଗୁଣ ରହିଥାଏ ।

### କଷକ୍ଷୀରର ଉପକାରିତା :

କ) କଷ କ୍ଷୀରରେ ଅତ୍ୟାବଶ୍ୟକ ପୁଷ୍ଟିକର ଖାଦ୍ୟାଂଶ ଥାଏ ।

ଖ) ଏ କ୍ଷୀରରେ ରୋଗ ପ୍ରତିରୋଧକ ଶକ୍ତି ଗୁଣ ନିହିତ ଥାଏ ।

ଗ) ଏହି କ୍ଷୀରର ଅନ୍ୟତମ ମୌଳିକ ଗୁଣ ହେଲା ଯେ ଜନ୍ମ ପରେ ପରେ ଛୁଆର ଅନ୍ତନଳୀରେ ଅଠାଳିଆ ମଳପ୍ରାୟ ମଇଳା ରହିଥାଏ, ଯେଉଁଟି କଷକ୍ଷୀର ଖାଇବା ଦ୍ୱାରା ସଫା ହୋଇଯାଏ ।

ଘ) କଷକ୍ଷୀରରେ ପ୍ରଚୁର ପରିମାଣରେ ଭିଟାମିନ୍ 'ଏ' ଏବଂ ଭିଟାମିନ୍ 'ଡି' ଥାଏ ଏଥିସହ ଅନେକ ଧାତବ ଲବଣ ମଧ୍ୟ ଭରପୁର ଥାଏ ।

ଛେଳି ବା ମେଣ୍ଢା ଏକ ଚାରି ପାକସ୍ଥଳୀ ଥିବା ଛୋଟ ପ୍ରାଣୀ ଏବଂ ଏହାର ମୁଖ୍ୟ ପାକସ୍ଥଳୀ ୩-୪ ମାସ ମଧ୍ୟରେ ପୂର୍ଣାଂଙ୍ଗ ଭାବରେ ବୃଦ୍ଧି ଘଟୁଥିବା ହେତୁ ଏଥିପୂର୍ବରୁ ଘାସପତ୍ରକୁ ସହଜରେ ହଜମ କରିବା ସମ୍ଭବ ହୋଇ ନଥାଏ । ତଥାପି ମଧ୍ୟ ଛେଳି ବା ମେଣ୍ଢା ଛୁଆଟି ୨-୩ ସପ୍ତାହ ବୟସ ହେଲା ବେଳକୁ ଅଳ୍ପ ଅଳ୍ପ ଘାସ ଖୁଣ୍ଟିବା ଆରମ୍ଭ କରିଥାଏ । ଜନ୍ମର ତୃତୀୟ ସପ୍ତାହରୁ ସବୁଜ ଘାସ ଓ ପତ୍ର ସହିତ ପ୍ରତିଦିନ ଅତିରିକ୍ତ ଦାନା ୩୦-୫୦ ଗ୍ରାମ ଅନୁପାତରେ ଆରମ୍ଭ କରିବା ଉଚିତ୍ ।

## ଛୋଟ ଛୁଆଙ୍କ ଯତ୍ନ :



ଛେଳି ଓ ମେଣ୍ଢା ଛୁଆ ୩ ମାସ ବୟସ ପର୍ଯ୍ୟନ୍ତ ମା' ଠାରୁ କ୍ଷୀର ପିଇଥାଏ । ଛୁଆ କ୍ଷୀର ପିଇବା ବନ୍ଦ କଲେ ମା ଛେଳି ମେଣ୍ଢା ପୁଣି ଗରମରେ ଆସେ । ତେଣୁ ୩ମାସ ବୟସ ପରେ ମା' ଓ ଛୁଆକୁ ଅଲଗା ରଖିବା ଦରକାର । ଛେଳି ଥରକେ ଏକାଧିକ ଛୁଆ ଜନ୍ମ କଲେ ଛୁଆ ଗୁଡିକ ଦୁର୍ବଳ ହେବାର ସମ୍ଭାବନା ଥାଏ । ଦୁର୍ବଳ ଛୁଆକୁ ମା'ର ଚିର ପାଖକୁ ନେଇ ଖୁଆଇବାକୁ ଚେଷ୍ଟା କରିବା ଦରକାର । ଜନ୍ମ ପରେ ଛୁଆକୁ କଷକ୍ଷୀର ନିହାତି ପିଆଇବା ଆବଶ୍ୟକ ।

- ଛୁଆ ଜନ୍ମ ହେବା ମାତ୍ରେ ତୁରନ୍ତ ଦେହରୁ ନାଳ ସଫା କରିବା ଦରକାର ।
- ନାକ ପୁଡ଼ାକୁ ସଫା କରିବା ଦରକାର ।
- ପରିଷ୍କାର ଶୁଖିଲା କପଡ଼ାରେ ଦେହକୁ ପୋଛିଦେବା ଆବଶ୍ୟକ ।
- ଜନ୍ମହେବାର ୧୦ଦିନ ଭିତରେ ଅଳ୍ପ ଘାସ ଓ ଦାନା ଦେବା ଆବଶ୍ୟକ ।
- ପାକସ୍ଥଳୀ ପରିପାଳନ ପାଇଁ ୧ ମାସ ମଧ୍ୟରେ ଶୁଖିଲା ଘାସ ଦେବା ଆବଶ୍ୟକ ।
- ୧ ମାସ ପରେ ପ୍ରତିଦିନ ୪-୫ ଘଣ୍ଟା ଚରାଇବା ଦରକାର ।
- ୩ ମାସର ଊର୍ଦ୍ଧ୍ୱ ଛେଳିଙ୍କୁ ମା' ଠାରୁ ଅଲଗା ରଖାଯିବା ଦରକାର, ସନ୍ତସନ୍ତିଆ ଜାଗାଠାରୁ ଦୂରରେ ରଖିବା ଆବଶ୍ୟକ ।
- ଛୁଆମାନଙ୍କୁ ନିୟମିତ ବ୍ୟବଧାନରେ ଡ଼ାକ୍ତରୀ ପରାମର୍ଶ କ୍ରମେ କୃମି ନାଶକ ଔଷଧ ଦେବା ଦରକାର ।

## ଛେଳିର ଉତ୍ପାଦନ କ୍ଷମତା ଜାଣିବା ପ୍ରଣାଳୀ



- ଛେଳିକୁ ଅଖାରେ ଧରି ଓଜନ କରିବା ପରେ ହିସାବ ଖାତାରେ ଛେଳିର ରଙ୍ଗ (ଚିହ୍ନ) କିମ୍ବା ନମ୍ବର ଲେଖି ତା ପାଖରେ ଛେଳିର ଓଜନ ଲେଖନ୍ତୁ । ଏହା ପ୍ରତିମାସରେ ଓଜନ କରିବା ଦରକାର ଏବଂ ଓଜନ ଖାତାରେ ଲେଖିବାଦ୍ୱାରା ଶୀଘ୍ର ବଢୁଥିବା ଛେଳିଛୁଆମାନଙ୍କୁ ଚିହ୍ନଟ କରିବା ସହଜ ହୁଏ । ଏହାଦ୍ୱାରା ଛେଳିର ଭବିଷ୍ୟତ ମୂଲ୍ୟ କେତେ ହେବ ତା ମଧ୍ୟ ଅନୁମାନ କରିହୁଏ ।

## ଧରାଣ:

ପ୍ରଜନନ ପାଇଁ ଉଦ୍ଦିଷ୍ଟ ଅଣ୍ଡିରା ଛୁଆମାନଙ୍କୁ ସେମାନଙ୍କର ୩ ମାସ ବୟସ ଠାରୁ ଅଲଗା ଭାବରେ ଏପରିକି ଏକୁଟିଆ ଭାବରେ ପାଳନ କରାଯିବା ଉଚିତ୍ । ଅନ୍ୟ ଅଣ୍ଡିରା ଛୁଆମାନଙ୍କୁ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟକୁ ନେଇ ଧରାଣ କରିଦେବା ଦରକାର । ଖାସିମାନେ ଖୁବ୍ ଶୀଘ୍ର ମୋଟା ହୁଅନ୍ତି ନାହିଁ । ଧରାଣ କରାଯାଇଥିବା ଖାସିରୁ ବୋଦାଳିଆ ଗନ୍ଧ ସେମାନଙ୍କ ଦେହରୁ ବାହାରେ ନାହିଁ ଓ ସେମାନଙ୍କର ମାଂସ ସୁସ୍ୱାଦୁ ଲାଗେ । ଅଣ୍ଡିରା ଛେଳିଛୁଆକୁ ୧ ରୁ ୨ ମାସ ବୟସରୁ ଖାସୁ କରିଦେଲେ ଭଲ । ଏଥିପାଇଁ ବର୍ଡିଜୋ କାଷ୍ଟ୍ରେଟର୍ ନାମରେ ଗୋଟିଏ ଯନ୍ତ୍ର ପ୍ରତ୍ୟେକ ପଶୁ ଡାକ୍ତରଖାନାରେ ଥାଏ । **ଅନଭିଜ୍ଞ ଲୋକଙ୍କ ଦ୍ୱାରା, ଅସ୍ତ୍ରୋପଚାର କରି ଖାସୁ କରିବା ଅନୁଚିତ୍ ।**

## ଧରାଣ କରିବା ଦ୍ୱାରା ଲାଭ

୧) ଅଣ୍ଡିରା ଛେଳି ଧରାଣ ଦ୍ୱାରା ତାହାର ମାଂସର ସ୍ୱାଦ ଓ ଚାହିଦା ବୃଦ୍ଧିପାଏ ।


୨) ଧରାଣଦ୍ୱାରା ଛେଳିର ଓଜନ ଶିଘ୍ର ବୃଦ୍ଧି ପାଏ, ଚମଡ଼ା ଚିକ୍‌କଣ ହୁଏ ।


୩) ମାଈ ଓ ଅଣ୍ଡିରା ଛେଳିଙ୍କୁ ଏକା ଜାଗାରେ ରଖିବାକୁ ସୁବିଧା ହୋଇଥାଏ ।

୪) ଛେଳିଟି ଶାନ୍ତ ସ୍ୱଭାବର ହୁଏ ।

୫) ଖାସିର ଦାମ୍ ସାଧାରଣତଃ ଛେଳି ଓଜନ ଠାରୁ ଢେର ଅଧିକ ।

୬) ପ୍ରଜନନ ପରିଚାଳନାରେ ବିଘ୍ନ ହୁଏ ନାହିଁ ।





# ଉନ୍ନତ ଖାଦ୍ୟ ବ୍ୟବସ୍ଥା

ଛେଳି ବା ମେଣ୍ଢା ଗୁଡିକ ସୁଷମ ଖାଦ୍ୟ ପାଇଲେ ସେମାନଙ୍କର ସ୍ୱାସ୍ଥ୍ୟ ଉତ୍ତମ ହୁଏ, ପ୍ରଜନନ ଶକ୍ତି ଠିକ୍ ରହେ, ମା ଛେଳି ବା ମେଣ୍ଢୀ ଠାରେ ଛୁଆଙ୍କ ପାଇଁ ଠିକ୍ ପରିମାଣରେ କ୍ଷୀର କ୍ଷରଣ ହୁଏ ଏବଂ ଶରୀର ବୃଦ୍ଧି ଶିଘ୍ର ହୁଏ । ତେଣୁ ଏମାନଙ୍କୁ ସବୁଜ ଘାସ ସହିତ କିଛି ଅତିରିକ୍ତ ଦାନା ଦେବା ଅବଶ୍ୟକ । ଛେଳି ଓ ମେଣ୍ଢାମାନେ ଅଭ୍ୟାସଗତ ଭାବେ ପ୍ରାୟ ଅନେକ ପ୍ରକାରର ଘାସ, ଲଟା, ଛୋଟ ଛୋଟ ଗଛର ପତ୍ର ଖାଇଥାନ୍ତି । କିନ୍ତୁ ଯେଉଁ ସ୍ଥାନରେ ଚରିବା ଜାଗା ଅଭାବ ରହିଛି ସେ କ୍ଷେତ୍ରରେ ଚାଷୀ ସେମାନଙ୍କୁ ଚୋକଡ଼, ବାଦାମ ପିଡିଆ ଗୁଣ୍ଡ କରି, ସେଥିରେ ଲୁଣ କିମ୍ବା ଧାତବ ଲବଣ ମିଶ୍ରଣ  ମିଶାଇ ଶୁଖିଲା ଖାଇବାକୁ ଦେବାକୁ ପଡିବ । ପାଣି ମିଶା ଦାନା ଛେଳି ମାନେ ଖାଇବକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ ।



ପ୍ରତି ବୋଦା ବା ଗାରଡ ପିଛା ଦିନକୁ ୨୦୦-୨୫୦ ଗ୍ରାମ୍ ଏବଂ ପ୍ରତି ମାଈ ଛେଳି ପିଛା ୧୫୦-୨୦୦ ଗ୍ରାମ୍ ହିସାବରେ ବାଦାମ୍ ପିଡିଆ ଦେବା ଉଚିତ୍ । ତତ୍ ସହିତ ଚାଷୀ ଚାରଣ ଭୂମି ସୃଷ୍ଟି କରିବା, ଏହାର ଉନ୍ନତି କରିବା ଏବଂ ତୃଣ ଗଛ ଲଗାଇବା ଉଚିତ୍ । ସମବାୟ ଭିତ୍ତିରେ ପତିତ ଜମିରେ ଏହା କରିପାରିଲେ ଭଲ ।

ଛେଳି ଓ ମେଣ୍ଢା ମାନଙ୍କୁ କେବଳ ଚରାଇବା ଉପରେ ନିର୍ଭର ନ କରି ଏହା ସହିତ ନିମ୍ନଲିଖିତ ପ୍ରକ୍ରିୟାରେ ଖାଇବାକୁ ଦିଆଯିବା ଉଚିତ୍। ଅବଶ୍ୟ ଏହା ଚାଷୀର  ସମ୍ବଳ ଉପରେ ନିର୍ଭର କରେ ।

## ଛେଳି ପାଳନ ପ୍ରଣାଳୀ

୧. କେବଳ ଚରାଇବା (Free range) – ବାହାରେ ଚରି ବୁଲି ଖାଦ୍ୟ ସଂଗ୍ରହ କରନ୍ତି .


୨. ଅର୍ଦ୍ଧ ସଘନ ପ୍ରଣାଳୀ – ବାହାରେ ଚରାଇବା  +  କିଛି ଅତିରିକ୍ତ ଦାନା ଓ ଘାସ ଦେବା (Semi intensive)

୨. ସଘନ ପ୍ରଣାଳୀ (Intensive system rearing) – ଫାର୍ମରେ ବାନ୍ଧି ଘାସ ଖାଇବାକୁ ଦେବା + ଉନ୍ନତ ମିଶ୍ରିତ ଦାନା ତିଆରି କରି କିମ୍ବା କ୍ରୟ କରି ଦେବା

ଛେଳି ଓ ମେଣ୍ଢା ପାଳନ ପାଇଁ ଅର୍ଦ୍ଧ ସଘନ ପ୍ରକ୍ରିୟାଟି ସଠିକ୍ ଅଟେ । ବିଭିନ୍ନ ଖାଦ୍ୟ ପଦାର୍ଥକୁ ମିଶାଇ ଉନ୍ନତ ମିଶ୍ରିତ ଖାଦ୍ୟ ତିଆରି କରାଯାଏ । ଏହା ଘରେ ମଧ୍ୟ ଅତି ସହଜରେ ତିଆରି କରି ହେବ । କିନ୍ତୁ ଯେଉଁ ଖାଦ୍ୟ ପଦାର୍ଥ ସବୁ ଦାନାରେ ରହିବା ଦରକାର ତାହାର ପରିମାଣ ଓ ଅନୁପାତ ପ୍ରତି ଟିକେ ସଚେତନ ହେବାକୁ ପଡିବ । ନିମ୍ନରେ ଖାଦ୍ୟ ତିଆରି ପାଇଁ ଛେଳି ଓ ମେଣ୍ଢା ଛୁଆଙ୍କ ଖାଦ୍ୟ ଏବଂ ବଡ ଛେଳି ଓ ମେଣ୍ଢାଙ୍କ ଖାଦ୍ୟ ପ୍ରସ୍ତୁତିର ଏକ ସହଜ ଉଦାହରଣ ସୁତ୍ର ଦିଆଗଲା ।

## ଛେଳି ଓ ମେଣ୍ଢା ଛୁଆ ପାଇଁ ସନ୍ତୁଳିତ ଖାଦ୍ୟ

| କ୍ର.ସଂ. | ଉପାଦାନ | ଭାଗ |
|---|---|---|
| ୧. | ମକା | ୨୨ଭାଗ |
| ୨. | ଡାଲିଜାତୀୟ ଶସ୍ୟ | ୨୦ଭାଗ |
| ୩. | ବାଦାମ ପିଡ଼ିଆ | ୩୫ ଭାଗ |
| ୪. | ଖୁଦ | ୨୦ ଭାଗ |
| ୫. | ଧାତବ ଲବଣ | ୨.୫ ଭାଗ |
| ୬. | ଖାଇବା ଲୁଣ | ୦.୫ ଭାଗ |
| | ମୋଟ୍ | ୧୦୦ ଭାଗ |



## ବଡ ଛେଳି ଓ ମେଣ୍ଢା ଙ୍କ ପାଇଁ ସନ୍ତୁଳିତ ଖାଦ୍ୟ:

୩ ମାସରୁ ଊର୍ଦ୍ଧ୍ୱ ଛେଳିମାନଙ୍କୁ ଶସ୍ୟ ଜାତୀୟ ଖାଦ୍ୟ ପେଟପୁରା ଦେବାସହ, ଦାନା ଓ ସବୁଜ ଘାସ ପତ୍ରର ଉପଲବ୍ଧି ଅନୁସାରେ ଦେବା ଉଚିତ୍।

## ଦାନାର ମିଶ୍ରଣ ଓ ପ୍ରକାର :

| କ୍ର.ସଂ. | ଉପାଦାନ | ଭାଗ |
|---|---|---|
| ୧. | ମକା | ୩୭ ଭାଗ |
| ୨. | ଡାଲିଜାତୀୟ ଶସ୍ୟ | ୧୫ ଭାଗ |
| ୩. | ବାଦାମ ପିଡ଼ିଆ | ୨୫ ଭାଗ |
| ୪. | ଗଉଳ ଖୁ ଦ କିମ୍ବା ଗହମ ଚୋକଡ଼ | ୨୦ ଭାଗ |
| ୫. | ଧାତବ ଲବଣ | ୨.୫ ଭାଗ |
| ୬. | ଖାଇବା ଲୁଣ | ୦.୫ ଭାଗ |
| | ମୋଟ୍ | ୧୦୦ ଭାଗ |



ମକା



ପିଡ଼ିଆ



ଚୋକଡ଼



ଚୁନି (ଡ଼ାଲି ଜାତୀୟ)

ସଘନ ପ୍ରଣାଳୀରେ ଉପରୋକ୍ତ ଖାଦ୍ୟରୁ ୨ ମାସ ପର ଠାରୁ ଛୁଆଙ୍କ ପାଇଁ ଦୈନିକ ୫୦ ଗ୍ରାମ୍ ଆରମ୍ଭ କରି ଆସ୍ତେ ଆସ୍ତେ ବୃଦ୍ଧି କରିବା ଆବଶ୍ୟକ। ୬ ମାସ ପରେ ବଡ ଛେଳି ମେଣ୍ଢା ମାନଙ୍କୁ ୧୦୦ ଗ୍ରାମ୍ ଏବଂ ମା ଛେଳି ମେଣ୍ଢା ମାନଙ୍କୁ ୧୫୦ ଗ୍ରାମ୍ ହିସାବରେ ଖାଇବାକୁ ଦେବାକୁ ହେବ।

## ଗର୍ଭବତୀ ଛେଳି ପାଇଁ ଖାଦ୍ୟ




ଗର୍ଭବତୀ ଛେଳି ବା ମେଣ୍ଢା ନିମନ୍ତେ ସ୍ୱତନ୍ତ୍ର ପରିମାଣର ଖାଦ୍ୟ ବ୍ୟବସ୍ଥା କରିବା ଉଚିତ୍ । କାରଣ ଗର୍ଭବତୀ ଛେଳି ବା ମେଣ୍ଢା ଯେଉଁ ଖାଦ୍ୟ ଖାଇଥାଏ ସେହି ଖାଦ୍ୟ ତା ଶରୀରର ଚାହିଦା ମେଣ୍ଟାଇବା ସହ ବଢ଼ିଲା ଛୁଆଙ୍କୁ ମଧ୍ୟ ଏକକାଳୀନ ଖାଦ୍ୟ ଯୋଗାଇ ଥାଏ ।

ଗର୍ଭବତୀ ସମୟରେ ଛେଳି ଓ ମେଣ୍ଢା ମାନଙ୍କୁ ଭଲ କରି ଖାଦ୍ୟପେୟର ବ୍ୟବସ୍ଥା କଲେ ହୃଷ୍ଟପୁଷ୍ଟ ଛୁଆଟିଏ ଜନ୍ମ ହୋଇଥାଏ । ଏଥିପ୍ରତି ଧ୍ୟାନ ନ ଦେଲେ ଦୁର୍ବଳ ଛୁଆ ଜନ୍ମ ହୋଇ ରୋଗାକ୍ରାନ୍ତ ହୁଏ ଏବଂ ଜନ୍ମ କଲା ପରେ ମା' ମଧ୍ୟ ଦୁର୍ବଳ ହୋଇଥାଏ । ତେଣୁ ଆମ ଅଞ୍ଚଳର ଗର୍ଭବତୀ ଛେଳି ବା ମେଣ୍ଢାକୁ ଅନ୍ତତଃ ଗର୍ଭାବସ୍ଥାରେ ୬ ରୁ ୮ ସପ୍ତାହ ପରେ ଦିନକୁ ୨୦୦ ଗ୍ରାମ୍ ଅତିରିକ୍ତ ସୁଷମ ଦାନା ଦେବା ଆବଶ୍ୟକ । ଦାନା ସହିତ ପେଟପୁରା ସବୁଜ ଘାସ ମଧ ଦେବା ଉଚିତ୍ ।

## ବୋଦା ପାଇଁ ଖାଦ୍ୟ

ବୋଦାକୁ ମୁଖ୍ୟତଃ ପ୍ରଜନନ କାର୍ଯ୍ୟରେ ଲଗାଇବା ପାଇଁ ହିଁ ପାଳନ କରାଯାଇଥାଏ । ଛେଳି ଓ ମେଣ୍ଢା ମାନେ ସାଧାରଣତଃ ଋତୁକାଳୀନ ଭାବରେ ଗରମକୁ ଆସିଥାନ୍ତି । ତେଣୁ ପ୍ରଜନନ ଋତୁର ଯେଉଁ ସମୟରେ ବୋଦାକୁ ସଂଗମ କରିବା ପାଇଁ ବ୍ୟବହାର କରାଯାଏ ସେଇ ସମୟରେ ବୋଦାପାଇଁ ସ୍ୱତନ୍ତ୍ର ଭାବେ ଖାଦ୍ୟ ଦେବାର ବ୍ୟବସ୍ଥା କରିବା ଉଚିତ୍ । ସଂଗମ ଋତୁରେ ଅନ୍ତତଃ ଆମ ଅଞ୍ଚଳର ବୋଦା ପିଛା ଦୈନିକ ୨୦୦ ରୁ ୩୦୦ ଗ୍ରାମ୍ ପର୍ଯ୍ୟନ୍ତ ଦାନା ଦେବା ସହିତ ଯଥେଷ୍ଟ ପରିମାଣରେ ଚରିବାର ବ୍ୟବସ୍ଥା କରିବା ଉଚିତ୍ । ଏଠାରେ ଗୋଟିଏ କଥା ମନେ ରଖିବା ଉଚିତ୍ କି ବୋଦାକୁ ବହୁ ପରିମାଣରେ ଚର୍ବିଯୁକ୍ତ ଖାଦ୍ୟ ଦେବା ଉଚିତ୍ ନୁହେଁ ଅନ୍ୟଥା ବୋଦା ମେଦ ବହୁଳ ହୋଇଗଲେ ସଂଗମ କରିବା କ୍ଷମତା ହରେଇଥାଏ ।

## ଛେଳି ଓ ମେଣ୍ଢାଙ୍କ ପାଇଁ ସବୁଜ ଖାଦ୍ୟ :





**ବୁଦାଗଛ :** ଭୁଇଁ ବରକୋଳି, ଗୋଖରୁ, କରଣ୍ଡା, ଘିଅବଳି, କଂଟେଇ କୋଳି, ବର

**ଗଛର ଡାଳ:** ସାହାଡା, ଗବ, ତେନ୍ତୁଳି, ବାଉଁଶ, ଆମ୍ବ,ପଣସ

**ଚରା ଘାସ :** ପ୍ରାକୃତିକ ଘାସ, ଦୁବ, ମଠା, ଅଞ୍ଜନ

**ଚାଷ ହେଉଥିବା ଘାସ :** ବର୍ସିମ, ଲୁସର୍ଣ୍ଣ,ଯବ ଧାନ, ମକା, ହାତିଆ, ପାରାଘାସ, ଗୁଆଁର ଏବଂ ଗିନି

**ଦାନା:** ପିଡିଆ, ଭୂଷି, ଚୋକଡ, ବିରି ଚୋପା, ମୁଗ ଓ କୋଳଥ ଚୋପା

# ଛେଳି ଓ ମେଣ୍ଢା ମାନଙ୍କର ବିଭିନ୍ନ ରୋଗ ଓ ନିରାକରଣ

ଛେଳି ଓ ମେଣ୍ଢା ମାନଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୋଗ ହୋଇଥାଏ । କେତେବେଳେ ସାଧାରଣ ରୋଗକୁ ଚାଷୀ ନିଜେ ଜାଣିଥିବା ପାରମ୍ପରିକ ଉପାୟରେ ଦେଶୀ ଚିକିତ୍ସା କରି ରୋଗ ଭଲ କରିଥାଏ । କିନ୍ତୁ ଏମିତି କିଛି ସଂକ୍ରାମକ ରୋଗ ଅଛି, ତାହାର ଉପଶମ କରିବା ଚାଷୀ ପକ୍ଷରେ ସମ୍ଭବ ପର ନୁହେଁ । ତେଣୁ ଚାଷୀ ଅନେକ କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ ଏବଂ ପଶୁଟି ମୃତ୍ୟୁ ବରଣ କରିଥାଏ । ଉକ୍ତ ସଂକ୍ରାମକ ରୋଗ ନିବାରଣ ପାଇଁ ଟିକାକରଣ ଓ ରୋଗ ହେଲେ ବିଶେଷଜ୍ଞ ବା ପ୍ରାଣୀଚିକିତ୍ସକଙ୍କ ସହାୟତା ନେଇ ସଠିକ୍ ଭାବରେ ଚିହ୍ନଟ କରି ଚିକିତ୍ସା କଲେ ଶୀଘ୍ର ଆରୋଗ୍ୟ ହେବାର ସମ୍ଭାବନା ଥାଏ ଏବଂ ଚାଷୀର କ୍ଷତି ହୋଇ ନଥାଏ । ତୁରନ୍ତ ଚିକିତ୍ସା କଲେ ରୋଗ ଭଲ ହେବାର ସମ୍ଭାବନା ଅଧିକ ।

## ରୋଗିଣା ଛେଳି ବା ମେଣ୍ଢା କୁ ଜାଣିବେ କେମିତି ?

### ବାହ୍ୟ ଆଚରଣ : (ସାଧାରଣ ଲକ୍ଷଣ)

- ରୋଗିଣା ଛେଳି ବା ମେଣ୍ଢା, ନିରୋଳାରେ ମୁଣ୍ଡ ତଳକୁ କରି ଠିଆ ହେବାକୁ ଭଲପାଏ ।
- ଗୋଠ ପଛରେ ରହିଯାଏ ।
- ମାନ୍ଦା ରହେ ଓ ନିଷ୍ପ୍ରଭ ଦିଶେ ।
- ବେଳେବେଳେ ଥୋମଣିରେ ପାଣିଜମି ଓଳମ ପଡ଼ିଥାଏ ।

### ଖାଦ୍ୟ ଖାଇବା :

- ଖାଦ୍ୟ ଖାଇବାକୁ ଅନିଚ୍ଛା କରିବା ।
- ପାକୁଳି କରିବା ବନ୍ଦ କରିଦେବ ।

### ଲୋମ :

- ଲୋମ ଝଡ଼ିବା
- ଲୋମର ମସୃଣତା କମିଯିବା
- ଲୋମ ଠିଆ ହୋଇ ଟାଆଁସ ଦେଖାଯିବା

**ଆଖି :** ସୁସ୍ଥ ଛେଳି ବା ମେଣ୍ଢାର ଆଖି ସଫା, ଉଜ୍ଜଳ ଓ ସତେଜ ଦିଶେ । କିନ୍ତୁ ରୋଗିଣା ଥିଲେ ଆଖି ନାଲି ବା ଲେଞ୍ଚରା ବାହାରୁ ଥାଏ ଓ ନିଷ୍ପ୍ରଭ ଦେଖାଯାଏ ।

**ନାକ :** ସାଧାରଣତଃ ସୁସ୍ଥ ଛେଳି ବା ମେଣ୍ଢାର ନାକରୁ ପରିଷ୍କାର ଓ ଅଳ୍ପ ପାଣି ବାହାରେ । କିନ୍ତୁ ନାକରୁ ହଳଦିଆ, ବହଳିଆ ସିଂଘାଣି ବାହାରିବା ରୋଗର ଲକ୍ଷଣ ।

**ପାଟି :** କେତେକ ରୋଗରେ ଛେଳି ବା ମେଣ୍ଢାର ପାଟିରେ ଘା, ଫୋଟକା ଦେଖିବାକୁ ମିଳେ ।

**ଜ୍ୱର :** ସାଧାରଣତଃ ହାତ ପକାଇଲେ ଯଦି ରୋଗିଣା ଛେଳି ବା ମେଣ୍ଢାର ତାପମାତ୍ରା ସୁସ୍ଥ ଛେଳିଠାରୁ ତାପମାତ୍ରା ଅଧିକ ଜଣାପଡ଼େ, ତେବେ ତାହା ଜ୍ୱରରେ ପୀଡ଼ିତ ବୋଲି ଜଣାପଡ଼େ । କିନ୍ତୁ ସଠିକ୍ ତାପମାତ୍ରା ଜାଣିବା ପାଇଁ ଥର୍ମୋମିଟର ବ୍ୟବହାର କରିବା ଉଚିତ୍ ।

**ନିଃଶ୍ୱାସ ପ୍ରଶ୍ୱାସ** – ଯଦି ମିନିଟ୍ ପ୍ରତି ୨୦ ରୁ ୩୦ ଥରରୁ କମ୍ ବା ଅଧିକ ଥର ନିଃଶ୍ୱାସ ନିଏ ତେବେ ତାହା ରୋଗରେ ପଡ଼ିଥିବାର ସମ୍ଭାବନା ଥାଏ । ସାଧାରଣତଃ, ସାହାଣା, ନିମୋନିଆ ଯୋଗୁଁ ନିଃଶ୍ୱାସ ନେବାକୁ କଷ୍ଟ ହୁଏ ।

**ନାଡ଼ିର ଗତି** – ନାଡ଼ିର ଗତି ପ୍ରଖର ବା କମିଗଲେ, ଏହା ରୋଗର ଲକ୍ଷଣ ଅଟେ । ନାଡ଼ିର ଗତି ସାଧାରଣତଃ ପ୍ରତି ମିନିଟ୍‌କୁ ୭୦ ରୁ ୮୦ ଥାଏ ।

**ନେଣ୍ଡି :** ସାଧାରଣତଃ ଛେଳି ବା ମେଣ୍ଢା ଲଣ୍ଡି ଭାବେ ମଳତ୍ୟାଗ କରନ୍ତି । ତରଳ ଓ ଅର୍ଦ୍ଧ ତରଳ ଝାଡ଼ା ହେଲେ ରୋଗର ଲକ୍ଷଣ ବୋଲି ଜଣା ପଡ଼ିଥାଏ ।

## କେତେକ ସାଧାରଣ ରୋଗ :

## ଏଣ୍ଟେରୋଟକ୍ସେମିଆ ବା ଆନ୍ତ୍ରିକ ବିଷ ରୋଗ

ଏହା ଏକ ଜୀବାଣୁ ଜନିତ ମାରାତ୍ମକ ରୋଗ । ହଠାତ୍ ପାଗ ପରିବର୍ତ୍ତନ, ଖାଦ୍ୟର ପରିବର୍ତ୍ତନ, ଖାଦ୍ୟରେ ଖଣିଜ ସାରର ଅଭାବ, ଦୁର୍ବଳତା ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତିର ଅଭାବ ସମୟରେ ଏହି ରୋଗରେ ସଂପୃକ୍ତ ଜୀବାଣୁମାନଙ୍କଠାରୁ ନିର୍ଗତ ବିଷ ଅନ୍ତଃନଳୀରେ ଶୋଷିତ ହୋଇ ରୋଗ ସୃଷ୍ଟି ହୋଇଥାଏ ।

**ଲକ୍ଷଣ :** – ତରଳ ନାଳରକ୍ତ ଝାଡ଼ା ହୋଇଥାଏ । ଏ ରୋଗରେ ବେଳେବେଳେ ଛେଳି କୌଣସି ଲକ୍ଷଣ ନଦେଖାଇ ମଧ୍ୟ ମରିଯାଆନ୍ତି ।

– ପେଟରେ ଭୀଷଣ ଯନ୍ତ୍ରଣା ଯୋଗୁଁ ଛେଳି ବା ମେଣ୍ଢା ଛାଟିପିଟି ହୋଇଥାଏ ।

– ପାଟିରୁ ଲାଳ ବହେ, ଦାନ୍ତ କଡ଼ମଡ଼ ହୋଇ ଜିଭ ପଡ଼ିଯାଏ ଓ ଗୋଡ଼ ସବୁ ଟାଙ୍କି ହୋଇଯାଏ ।

– ଏହି ରୋଗରେ ବେଳେବେଳେ ଛେଳି କୌଣସି ଲକ୍ଷଣ ନ ଦେଖାଇ ମଧ୍ୟ ମରିଯାଆନ୍ତି ।

**ନିରାକରଣ :** ଏହି ରୋଗର ଚିକିତ୍ସା ଏତେଟା ଫଳପ୍ରଦ ନୁହେଁ, ତେଣୁ ପ୍ରତିଷେଧକ ଟିକା ଦିଆଇ ନେବା ଭଲ ଏବଂ ହଠାତ୍ ଖାଦ୍ୟର ପରିବର୍ତ୍ତନକୁ ବାରଣ କରିପାରିଲେ ରୋଗର ପ୍ରତିକାର ହୋଇ ପାରିବ ।

## କଣ୍ଟାଜିଅସ କାପ୍ରାଇନ୍ ପ୍ଳୁରୋନିମୋନିଆ

ଏହି ରୋଗ ସାଧାରଣତଃ ଛେଳିମାନଙ୍କୁ ବର୍ଷାଦିନେ ହୋଇଥାଏ । ବର୍ଷାପାଣିରେ ଓଦା ହୋଇ ସନ୍ତସନ୍ତିଆ ଜାଗାରେ ଛେଳିମାନେ ରହିବା ଦ୍ୱାରା ଏହି ରୋଗ ହୋଇଥାଏ ।

**ଲକ୍ଷଣ :**

- ଏହି ରୋଗରେ ଖାଦ୍ୟ ଖାଆନ୍ତି ନାହିଁ, ନିଷ୍ପ୍ରଭ ଦେଖାଯାଆନ୍ତି ।
- ଜ୍ୱର ହୋଇଥାଏ ।
- ପ୍ରଥମାବସ୍ଥାରେ ନାକରୁ ତରଳ ଏବଂ ବହଳିଆ ସିଂଘାଣି ନିର୍ଗତ ହୁଏ ।
- ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାନ୍ତି ।
- ରୋଗର ମୃତ୍ୟୁହାର ଶତକଡ଼ା ୬୦-୧୦୦ ପର୍ଯ୍ୟନ୍ତ ହୋଇଥାଏ ।

**ନିରାକରଣ :**

- ଝଡ଼ି ବର୍ଷାଦିନେ ବାହାରକୁ ଚରିବାକୁ ଛାଡ଼ିବା ଅନୁଚିତ ।
- ଶୁଖିଲା ଗୁହାଳରେ ରଖିବା ଉଚିତ୍ ।
- ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହାୟତା ନେବା ଉଚିତ୍ ।

## ଫାଟୁଆ

ଏହି ରୋଗ ଭୂତାଣୁ ଦ୍ୱାରା ଘଟିଥାଏ । ରୋଗାକ୍ରାନ୍ତ ପ୍ରାଣୀର ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ ।

**ଲକ୍ଷଣ :-**

- ଫାଟୁଆ ରୋଗରେ ପାଟି, ଜିଭ ଓ ଖୁରାରେ ଫୋଟକା ହୋଇ ଘା'ରେ ପରିଣତ ହୋଇଥାଏ ।
- ପାଟିରୁ ପ୍ରଚୁର ଲାଳ ବାହାରେ ଓ ଲାଳସୂତା ଝୁଲିଲା ପରି ଦେଖାଯାଏ ।
- ଖାଦ୍ୟ ଖାଇବା ସମ୍ଭବ ହୋଇ ନଥାଏ ।
- ଚାଲିବାକୁ କଷ୍ଟ ହୁଏ ଏବଂ ଛୋଟେଇ ଥାଏ ।
- ଚିକିତ୍ସା ପାଇଁ ଡେରି କଲେ ଚଳପ୍ରଚଳ କରି ନପାରି ନଖାଇ ନ ପିଇ ମରିଯାଏ ।

**ନିରାକରଣ :-**

- ଉଷୁମ ପାଣିରେ ଖାଇବା ସୋଡ଼ା ମିଶାଇ ଘା'କୁ ଧୋଇବା ସହ ଆଣ୍ଟିସେପ୍ଟିକ୍ ମଲମ ଦିଆଯାଇଥାଏ ।
- ଆକ୍ରାନ୍ତ ଛେଳି ବା ମେଣ୍ଢାଙ୍କୁ ଅଲଗା ସ୍ଥାନରେ ରଖି ଚିକିତ୍ସା କରିବା ଉଚିତ୍ ।
- ପ୍ରତିଷେଧକ ଟିକା ଦେଲେ ରୋଗରୁ ସୁରକ୍ଷା ମିଳିପାରେ ।

## ଛେଳି ବସନ୍ତ



ଏହି ରୋଗ ଏକ ଭୂତାଣୁ ଜନିତ ରୋଗ । ରୋଗାକ୍ରାନ୍ତ ଛେଳିର ସଂସ୍ପର୍ଶରେ ଆସିଲେ ଏହା ସୁସ୍ଥ ଛେଳିମାନଙ୍କୁ ମଧ୍ଯ ବ୍ୟାପିଥାଏ। ଏହି ଭୂତାଣୁମାନେ ଶରୀରରେ ଥିବା କ୍ଷତ ମଧ୍ଯଦେଇ ପ୍ରବେଶ କରିଥାନ୍ତି ।

**ଲକ୍ଷଣ :**

- ଛେଳିକୁ ଜ୍ୱର ହୋଇଥାଏ ।
- ଜ୍ୱର ହେବାର ୨ ରୁ ୮ ଦିନ ମଧ୍ଯରେ ଶରୀରରେ ଲୋମ ନଥିବା ସ୍ଥାନ ମାନଙ୍କରେ ଫୋଟକା ସୃଷ୍ଟି ହୁଏ।
- ମୁହଁ, ପହ୍ନା ଆଦିରେ ଆରମ୍ଭ ହୋଇ ଶରୀରର ସବୁ ସ୍ଥାନକୁ ବ୍ୟାପି ଥାଏ ।
- ଆଖିରୁ ନେଞ୍ଜରା ଏବଂ ନାକରୁ ସିଂଘାଣି ବାହାରେ ।
- ଆଖି, ନାକ, ଓଠ, ଯୋନିଦ୍ୱାରଗୁଡ଼ିକରେ ଘା' ହୋଇ ପୂଜ ବାହାରିଥାଏ ।
- ଶେଷରେ ନିମୋନିଆ ହୋଇ ଛେଳିର ମୃତ୍ୟୁ ହୋଇଥାଏ ।

**ନିରାକରଣ :**

- ଆଣ୍ଟିବାୟୋଟିକ କିମ୍ବା ଆଣ୍ଟିସେପ୍ଟିକ ମଲମ ଘା'ମାନଙ୍କରେ ଲଗେଇବା ଉଚିତ ।
- ରୋଗାକ୍ରାନ୍ତ ଛେଳିକୁ ସ୍ଥାନାନ୍ତର କରି ଚିକିତ୍ସା କରିବା ଉଚିତ୍ ।
- ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ ।
- ପ୍ରତିଷେଧକ ଟିକା ଦିଅନ୍ତୁ ।
- ମାଛି ବସି ପୋକ ନହେବା ପାଇଁ ନିମ ତେଲ ବା ନିମ ତେଲ ମିଶା ମଲମ ବ୍ୟବହାର କରାଯିବା ଉଚିତ୍ ।

## ପେଟଫମ୍ପା:

ଏହା ଏକ ସାଧାରଣ ରୋଗ ହେଲେ ମଧ୍ୟ ବେଳେବେଳେ ମୃତ୍ୟୁର କାରଣ ହୋଇଥାଏ । ଅତ୍ୟଧିକ ଖାଇବା, ଠିକ୍ ଭାବରେ ଖାଦ୍ୟ ହଜମ ନହେବା, ଅପରିଷ୍କାର ପାଣି ପିଇବା ଆଦି ବିଭିନ୍ନ କାରଣରୁ ଛେଳି ବା ମେଣ୍ଢାର ପାକସ୍ଥଳୀରେ ବାୟୁ ଜମି ରହେ ଏବଂ ବାହାରକୁ ବାହାରି ପାରେନାହିଁ । ଫଳରେ ପେଟ ଫୁଲି ଯାଏ । ଚିକିତ୍ସାରେ ଅବହେଳା କଲେ ପଶୁଟିର ମୃତ୍ୟୁ ହୋଇଥାଏ ।

**ଲକ୍ଷଣ :**

- ପେଟ ଫୁଲିଯାଏ ଏବଂ ଯନ୍ତ୍ରଣା ଅନୁଭବ କରି ଛାଟିପିଟି ହୁଏ ।
- ନିଶ୍ୱାସ ପ୍ରଶ୍ୱାସ କଷ୍ଟକର ହୋଇଥାଏ ।
- ପାଟିରୁ ଲାଳ ବାହାରେ ।

**ନିରାକରଣ :**

- ରୋଗର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ତୁରନ୍ତ ଯୋଗାଯୋଗ କରିବା ଉଚିତ ।
- ପାଟି ମେଲା ରଖିବା ଉଚିତ୍ ।
- ଏକ ଗଡ଼ାଣିଆ ଜାଗାରେ ରଖିବାକୁ ହେବ । ଯେପରି ତାର ଆଗ ଗୋଡ଼ ଦ୍ୱୟ ଉଚ୍ଚାରେ ଏବଂ ପଛଗୋଡ଼ ଦ୍ୱୟ ନିମ୍ନରେ ରହିପାରିବ ।
- ପାମ୍‌ତେଲ କିମ୍ବା ରାଶିତେଲ ୩୦ ରୁ ୫୦ ମି.ଲି. ପିଆଇ ଦିଆଯିବା ଆବଶ୍ୟକ ।

## ମେ ମେୟାଁ (ମୁହାଁ ଘା') ରୋଗ :

ଏହା ଏକ ଭୂତାଣୁ ଜନିତ ରୋଗ । ଏହି ରୋଗରେ ଛେଳିମାନେ ସାମୁହିକ ଭାବେ ଆକ୍ରାନ୍ତ ହୋଇଥାନ୍ତି ।

**ଲକ୍ଷଣ :**



- ପ୍ରଥମେ ମୁହଁ, ପାଟି ଏବଂ ନାକରେ ନାଲି ନାଲି ଫଳିଯାଏ ।
- ପରେ ସେହି ଫଳିଥିବା ସ୍ଥାନ ଫୋଟକା ହୋଇ ଘାରେ ପରିଣତ ହୋଇଥାଏ ।
- ପାଟିରୁ ଲାଳ, ଆଖିରୁ ଲୁହ ଏବଂ ନାକରୁ ସିଂଘାଣି ବାହାରେ ।
- ଶରୀର ଉତ୍ତାପ ବୃଦ୍ଧିପାଏ, ଖାଦ୍ୟ ନଖାଇ ଓ ନିମୋନିଆ ହୋଇ ମୃତ୍ୟୁବରଣ କରେ ।

## ନିରାକରଣ :

- ରୋଗାକ୍ରାନ୍ତ ଛେଳିମେଣ୍ଢାମାନଙ୍କୁ ଅଲଗା ରଖି ଘା' ଗୁଡ଼ିକରେ ଆଣ୍ଟିସେପ୍ଟିକ୍ ମଲମ ଲଗାଇବା ଉଚିତ୍ ।
- ପାଟି ଭିତର ଘା'ରେ ବୋରୋଗ୍ଲିସେରିନ୍ ଲଗାଇବା ଉଚିତ୍ ।
- ରୋଗର ନିୟନ୍ତ୍ରଣ ପାଇଁ ଗୁହାଳକୁ ପରିଷ୍କାର ରଖିବା ଉଚିତ୍ ।
- ଅନ୍ୟାନ୍ୟ ରୋଗ ସଂକ୍ରମଣରୁ ରକ୍ଷା ପାଇଁ ଆଣ୍ଟିବାୟୋଟିକ୍ ଇଂଜେକ୍ସନ୍ ଦିଆଯାଇପାରେ ।
- ମାଛି ବସି ପୋକ ନହେବା ପାଇଁ ନିମ ତେଲ ବା ନିମ ତେଲ ମିଶା ମଲମ ବ୍ୟବହାର କରାଯିବା ଉଚିତ୍ ।

## ପିପିଆର ବା ଛେଳି ମଡ଼କ :

ଏହା ଏକ ମାରାତ୍ମକ ଭୂତାଣୁ ଜନିତ ରୋଗ । ଏହି ରୋଗରେ ଆକ୍ରାନ୍ତ ଛେଳିର ଆଖିରୁ, ନାକରୁ ବହୁଥିବା ପାଣି, ପାଟିର ଲାଳ, ପରିସ୍ରା ଓ ଝାଡ଼ାରେ ଅଧିକ ପରିମାଣରେ ଭୂତାଣୁ ନିର୍ଗତ ହୋଇଥାନ୍ତି । ତାହାଦ୍ୱାରା ପ୍ରଦୂଷିତ ଖାଦ୍ୟ ଓ ଜଳର ବ୍ୟବହାର କରିବା ଦ୍ୱାରା ସୁସ୍ଥ ଛେଳିମାନେ ଆକ୍ରାନ୍ତ ହୋଇଥାନ୍ତି । ରୋଗିଣା ପଶୁର ନିଃଶ୍ୱାସ ବା ପ୍ରଶ୍ୱାସ ଦ୍ୱାରା ମଧ ଏହି ରୋଗ ବ୍ୟାପିଥାଏ । ଏହି ରୋଗଦ୍ୱାରା ବହୁ ସଂଖ୍ୟାରେ ଛେଳି ମୃତ୍ୟୁବରଣ କରିଥାନ୍ତି ।




## ଲକ୍ଷଣ :

- ହଠାତ୍ ଜ୍ୱର ହୋଇଥାଏ ।
- ଦିନେ ଦୁଇଦିନ ପରେ ପାଟିରେ ଘା ହୋଇଥାଏ ।
- ଆଖିରୁ ନେଙ୍ଗୁରା ନାକରୁ ସିଂଘାଣୀ, ପାଟିରୁ ପ୍ରଚୁର ପରିମାଣରେ ଲାଳ ବାହାରିଥାଏ ।
- ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହୋଇଥାଏ ।

- ଜ୍ୱର ହେବାର ୩/୪ ଦିନପରେ ନାଳରକ୍ତ ମିଶା ତରଳ ଝାଡ଼ା ହୁଏ ।
- ଶରୀରରୁ ଜଳୀୟ ପଦାର୍ଥର ଅଭାବ ସହିତ ଶ୍ୱାସରୁଦ୍ଧ ହୋଇ ଛେଳିର ମୃତ୍ୟୁ ଘଟେ ।

**ନିରାକରଣ :**

- ଏହା ଏକ ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହାର ଲକ୍ଷଣ ଦେଖି ଚିକିତ୍ସା କରାଯାଇଥାଏ ।
- ପ୍ରତିକାର ସ୍ୱରୂପ ପ୍ରତିଷେଧକ ଟିକା ଦେବା ନିହାତି ଦରକାର ।
- ରୋଗାକ୍ରାନ୍ତ ଛେଳିକୁ ସୁସ୍ଥ ଛେଳିଠାରୁ ଦୂରରେ ରଖି ଚିକିତ୍ସା କରାଯିବା ଦରକାର ।
- ଗୁହାଳକୁ ପରିଷ୍କାର ରଖିବା ଉଚିତ୍ ।
- ଶରୀରରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପୋତିବା ଉଚିତ୍ ।
- ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଚିକିତ୍ସା ଓ ପରିପାଳନା ବ୍ୟବସ୍ଥା କରନ୍ତୁ ।

# କୃମି ରୋଗ ଓ ଏହାର ନିରାକରଣ

ଛେଳି ବା ମେଣ୍ଢା ମାନେ ବିଭିନ୍ନ କୃମିଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । କୃମି ସାଧାରଣତଃ ଦୁଇପ୍ରକାର ଯଥା- ଅନ୍ତଃ କୃମି ଓ ବାହ୍ୟ କୃମି ।

**ଅନ୍ତଃ କୃମି -** ଯେଉଁମାନେ ଶରୀର ଭିତରେ ଥାଇ କ୍ଷତି ସାଧନ କରିଥାନ୍ତି ।

**ବାହ୍ୟ ପରଜୀବୀ କୃମି -** ଯେଉଁମାନେ ଶରୀର ବାହାରେ ରହି କ୍ଷତିସାଧନ କରିଥାନ୍ତି ।


**ଅନ୍ତଃକୃମି –** ଗୋଲ କୃମି, ଫିତା କୃମି, ଚେପଟା କୃମି, ରକ୍ତପିଆ କୃମି ଶରୀରରେ ରହି ଖାଦ୍ୟ ହଜମରେ ବାଧାସୃଷ୍ଟି କରନ୍ତି ଓ ଶରୀରର ରକ୍ତ ଶୋଷଣ କରନ୍ତି । କୃମି ରୋଗ ଯୋଗୁଁ ଛେଳି ଓ ମେଣ୍ଢା ଭଲ ବଢି ପାରନ୍ତି ନାହିଁ, କ୍ଷୀର ଉତ୍ପାଦନ କମିଯାଏ । ବର୍ଷକୁ ତିନି ଥର କୃମିନାଶକ ଔଷଧ ଦେଇ ଛେଳି ବା ମେଣ୍ଢାକୁ ଅନ୍ତକୃମିରୁ ରକ୍ଷା କରାଯାଇପାରିବ ।

**ବାହ୍ୟ କୃମି –** ଟିଙ୍କ ଓ ଉକୁଣୀ ଦେହରେ ଲାଗିରହି ରକ୍ତ ପିଅନ୍ତି ଓ ଛେଳି ବା ମେଣ୍ଢାକୁ ରକ୍ତ ଶୂନ୍ୟତା ରୋଗ ହୁଏ । ବାହ୍ୟ କୃମି ଯୋଗୁଁ ଦେହ କୁଣ୍ଡେଇ ହୁଏ । ଫଳରେ ସେମାନେ ଅସ୍ତ ବ୍ୟସ୍ତ ହୋଇ ଖାଇବାରେ ଧ୍ୟାନ ଦେଇ ନପାରି ଦୁର୍ବଳ ହୁଅନ୍ତି ।

**ଲକ୍ଷଣ :**

- ଚର୍ମରୋଗ ହୋଇଥାଏ ।
- ଦେହରୁ ଲୋମ ଉପୁଡ଼ି କୁଣ୍ଡେଇ ହୁଏ ଓ ଛେଳି କମ୍ ଖାଏ ।
- ରକ୍ତହୀନତାର ଶିକାର ହୋଇ ଦୁର୍ବଳ ହେବା ଯୋଗୁଁ , ଅନ୍ୟାନ୍ୟ ରୋଗଦ୍ୱାରା ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି ।

**ନିରାକରଣ :**




- ଡ଼େଲଟାମେଥ୍ରୀନ, ସାଇପରମେଥ୍ରୀନ ଆଦି କୀଟନାଶକକୁ ପାଣିରେ ମିଶାଇ ଛେଳିଙ୍କ ଦେହରେ ଓ ଛେଳି ଗୁହାଳର ପରିସରରେ ସିଞ୍ଚନ କଲେ ଟିଙ୍କ ଓ ଉକୁଣୀର ପ୍ରାଦୁର୍ଭାବ କମିଯାଏ । ୫% ଡ଼େଲଟାମେଥ୍ରୀନ, ସାଇପରମେଥ୍ରୀନ ଦ୍ରବଣ ସ୍ପ୍ରେ କଲାବେଳେ ଔଷଧର ଦ୍ରବଣ ଆଖି, ନାକ ଓ ପାଟିରେ ନ ପଡିବା ଉଚିତ୍ । ମୁହଁରେ ତୁଣ୍ଡି ଲଗାଇଲେ ଛେଳି ବା ମେଣ୍ଢା ଚାଟି ପାରେ ନାହିଁ ।
- ପାଣିରେ କୀଟନାଶକ ଔଷଧ ମିଶାଇ ମେଣ୍ଢା ମାନଙ୍କୁ ଡିପିଙ୍ଗ ମଧ୍ୟ କରାଯାଇପାରେ । ଏକ ଘଣ୍ଟା ଛାଇରେ ରଖିବା ପରେ ଭଲ ଭାବେ ଗାଧୋଇବା ଉଚିତ ।

- ରୋଗାକ୍ରାନ୍ତ ଛେଳିର ଚିକିତ୍ସା ପ୍ରାଣୀଚିକିତ୍ସକଙ୍କ ପରାମର୍ଶରେ କରାଯିବା ଉଚିତ୍ ।


## ଜାଣିବା କଥା :

- ରୋଗାକ୍ରାନ୍ତ ଛେଳି ନିରୋଳାରେ ମୁଣ୍ଡତଳକୁ କରି, ଆଖି ବନ୍ଦ କରି ଠିଆ ହେବାପାଇଁ ଭଲ ପାଏ ।
- ଲୋମ ଟାଙ୍କୁରିବା, ଲୋମ ଝଡ଼ିବା ଓ ଲୋମର ମସୃଣତା କମିଯିବା ଗୁରୁତର ରୋଗର ଲକ୍ଷଣ ଅଟେ ।
- ନାକରୁ ହଳଦିଆ ବହଳିଆ ସିଂଘାଣି ବହିବା ରୋଗର ଲକ୍ଷଣ ଅଟେ ।
- ଯଦି ମୁହଁ ବା ଖୁରାରେ ଘା' ହୋଇ ଲସା ବାହାରୁଥାଏ ଏହା ମେ ମେଁୟା (ମୁହଁ ଘା'), ଫାଟୁଆ ଏବଂ ପିପିଆର୍ ହୋଇପାରେ ।
- ନିଃଶ୍ୱାସ ପ୍ରଶ୍ୱାସର ଗତି ପ୍ରଖର ବା ଧୀର ହେଲେ ଏହା କେତେକ ରୋଗ ଯଥା ଫୁସ୍‌ଫୁସ୍ କୃମି ଜନିତ, ନିମୋନିଆ ଏବଂ ସାହାଣ ରୋଗର ଲକ୍ଷଣ ହୋଇପାରେ ।
- ତରଳ ଝାଡ଼ା ଅନ୍ତଃନାଡ଼ି ସହିତ ଜଡ଼ିତ, ପିପିଆର୍ ଏବଂ ଏଣ୍ଟେରୋଟକ୍ସିମିଆ ରୋଗର ଲକ୍ଷଣ ହୋଇପାରେ ।
- ଛେଳି ବା ମେଣ୍ଢା ମାନଙ୍କର କେତେକ ସାଧାରଣ ରୋଗ ହେଲା - ଏଣ୍ଟେରୋଟକ୍ସିମିଆ, ନିମୋନିଆ, ଫାଟୁଆ, ଛେଳି ବସନ୍ତ, ପେଟଫମ୍ପା, ମେମେଁୟା, ତରଳ ଝାଡ଼ା, ଖୁରା ସଢା ରୋଗ ଇତ୍ୟାଦି ।
- ନିରାକରଣ ନିମନ୍ତେ ରୋଗୀଣା ଛେଳି ବା ମେଣ୍ଢାକୁ ଅଲଗା ରଖି ଚିକିତ୍ସା କରାଯିବା ଉଚିତ୍ । ତୁରନ୍ତ ପ୍ରାଥମିକ ଚିକତ୍ସା ଓ ଗୁହାଳକୁ ପରିଷ୍କାର, ଖାଦ୍ୟ ଓ ପାନୀୟ ସ୍ୱାସ୍ଥ୍ୟପ୍ରଦ ଓ ପ୍ରତିଷେଧକ ଟୀକାର ବ୍ୟବହାର କରିବା ଉଚିତ ।

| କ୍ର.ନଂ. | ରୋଗ | ମାସ | ଟିକା ଓ ପରିମାଣ |
|---|---|---|---|
| ୧. | ଆନ୍ତ୍ରିକ ବିଷଜ୍ୱର | ଫେବୃୟାରୀ | ୨.୫ମିଲି. ଚମଡା ତଳେ<br>୧୪ ଦିନ ପରେ ପୁଣିଥରେ ଟିକା ଦିଆଯାଏ ।<br>୬ ମାସ ଅନ୍ତରରେ ପୁଣି ଥରେ ଦିଆଯାଏ । |
| ୨. | ପି.ପି.ଆର.<br>(ଛେଳି ମଡ଼କ) | ବର୍ଷର ସବୁ ଋତୁରେ | ୪ ମାସ ବୟସ ପରେ ୧ ମିଲି. ଚମଡ଼ା ତଳେ<br>ପ୍ରତି ୩ ବର୍ଷରେ ଥରେ |
| ୩. | ଫାଟୁଆ | ଜୁନ୍ | ୧ ମି.ଲି. ଚମଡା ତଳେ (ଟିକା ପ୍ରସ୍ତୁତକାରୀଙ୍କ ନିର୍ଦ୍ଦେଶନାମା ଅନୁଯାୟୀ) ପ୍ରତି ୬ ମାସରେ ଥରେ |
| ୪. | ଶାହାଣା | ଜୁଲାଇ | ୨ମି.ଲି. ଚମଡା ତଳେ ଓ ପ୍ରତି ୬ ମାସରେ ଥରେ |
| ୫. | ଛେଳିବସନ୍ତ | ସେପ୍ଟେମ୍ବର | ୧ ମି.ଲି. ଚମଡା ତଳେ<br>ପ୍ରତି ବର୍ଷ |
| ୬. | ଆନ୍ଥ୍ରାକ୍ସ | ବର୍ଷର ସବୁ ଋତୁରେ | ୧ ମି.ଲି. ଚମଡା ତଳେ ପ୍ରତି ବର୍ଷ |

**ଉପରୋକ୍ତ ସମସ୍ତ ପ୍ରତିଷେଧକ ଟିକା ଓଡ଼ିଶା ସରକାରଙ୍କ ପ୍ରଣୀଚିକିତ୍ସା ଓ ପ୍ରାଣୀପାଳନ ବିଭାଗ ତରଫରୁ ଯୋଗାଇ ଦିଆଯାଇଥାଏ ।**

# ଛେଳି ପାଳନ ପଞ୍ଜିକା




ଉପରୋକ୍ତ ମାସ ଅନୁଯାୟୀ ଛେଳିପାଳନର ବିଭିନ୍ନ କାର୍ଯ୍ୟକ୍ରମ ଦର୍ଶାଯାଇଛି ।

# ଛେଳି ମେଣ୍ଢା ପ୍ରଜନନ

ଆମ ରାଜ୍ୟରେ ସାଧାରଣତଃ ଛେଳି ବା ମେଣ୍ଢା ପଲକୁ ଜଂଗଲକୁ ଚରିବାକୁ ନିଆଯାଇଥାଏ । ଏହି ସମୟରେ ଯେଉଁ ଛେଳି ବା ମେଣ୍ଢା ଗରମକୁ ଅସିଥାଏ ତାକୁ ଦୋଦା ସଂଗମ କରିଥାଏ । ଏହି ବ୍ୟବସ୍ଥା ଅନେକ ଗାଁ ଗହଳିରେ ପାରମ୍ପାରିକ ଭାବରେ ଚାଲିଆସୁଛି । କିନ୍ତୁ ଏକ ଆଦର୍ଶ ଛେଳି ବ ମେଣ୍ଢା ଫାର୍ମ ପାଇଁ ସୁସଂଯୋଜିତ ପ୍ରଜନନ ବ୍ୟବସ୍ଥାର ବନ୍ଦୋବସ୍ତ କଲେ ଫାର୍ମଟି ଅଧିକ ଉତ୍ପାଦନକ୍ଷମ ହେବା ସହ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟିଥାଏ ।

ସଂଗମ ପାଇଁ ଯେଉଁ ବୋଦାକୁ ବ୍ୟବହାର କରାଯାଏ ସେଇ ବୋଦା ହୃଷ୍ଟପୁଷ୍ଟ ଏବଂ ନିରୋଗୀ ହୋଇଥିବା ଉଚିତ୍ । ସଂଗମ ପାଇଁ ବ୍ୟବହାର କରାଯାଉଥିବା ବୋଦାର ବୟସ ଅତି କମ୍ ରେ ୧ ବର୍ଷରୁ ଉର୍ଦ୍ଧ ହେବା ଉଚିତ୍ । ବୋଦାକୁ ଅତି ବେଶୀରେ ୮-୧୦ ବର୍ଷ ପର୍ଯ୍ୟନ୍ତ ସଂଗମ ପାଇଁ ନିୟୋଜିତ କରାଯାଇପାରିବ ।

## ଉତ୍ତମ ବୋଦାର ଲକ୍ଷଣ ଓ ଗୋଠରେ ପ୍ରଜନନ:

ଭଲ ଛୁଆଟିଏ ପାଇବାକୁ ହେଲେ ଗୋଟିଏ ଭଲ ବୋଦାର ଆବଶ୍ୟକ ହୋଇଥାଏ । ସାଧାରଣତଃ ୨୦-୩୦ଟି ମାଈ ଛେଳି ବା ମେଣ୍ଢା ପାଇଁ ଗୋଟିଏ ବୋଦା ରହିଲେ ପ୍ରଜନନ ପାଇଁ ଯଥେଷ୍ଟ । ବୋଦା ଯେତେବେଳେ ଦୁଇରୁ ଅଢେଇ ବର୍ଷ ବୟସ ହୋଇଥାଏ ତେବେ ସଂପୂର୍ଣ୍ଣ ବୟଃପ୍ରାପ୍ତି ହୁଏ । ଗୋଟିଏ ଗୋଠର ଛେଳି ବା ମେଣ୍ଢାକୁ ଏକ ନିର୍ଦ୍ଦିଷ୍ଟ ବୋଦା ଦ୍ୱାରା ତିନିବର୍ଷରୁ ଉର୍ଦ୍ଧ ସମୟ ପର୍ଯ୍ୟନ୍ତ ସଂଗମ କରାଇବାଫଳରେ ଯେଉଁ ଛୁଆ ଜନ୍ମ ହୁଅନ୍ତି ସେମାନେ ଭଲ ଭାବରେ ବଢି ପାରନ୍ତି ନାହିଁ । ତେଣୁ ଭଲ ବୋଦାରୁ ଗୋଟିଏ ଗୋଠରେ ୨ ବର୍ଷ ମଧ୍ୟରେ ଛୁଆ ଗୁଡିଏ ପାଇଲା ପରେ, ସେ ଗୋଠରେ ନୂଆ ବୋଦା ଆସିବା ଦରକାର ଅର୍ଥାତ୍ ଗୋଟିଏ ବୋଦାକୁ ଦୁଇ ବର୍ଷରେ ଥରେ ଗୋଠ ପରିବର୍ତ୍ତନ କରିବା ଉଚିତ୍ । ନଚେତ୍ ସମଗୋତ୍ରୀୟ ମାଈ ଛେଳି ବା ମେଣ୍ଢା ଓ ବୋଦା ମଧ୍ୟରେ ସଙ୍ଗମରୁ ଯେଉଁ ଛୁଆ ଜନ୍ମ ହେବେ, ସେମାନେ କ୍ରମଶଃ ଛୋଟ ଓ ରୁଗ୍ଣ ହେବେ । ଭଲ ବୋଦାଟିଏ ଦେଖିବାକୁ ଓଜନଦାର, ଚିକଣ, ସୁସ୍ଥ, ନୀରୋଗ ହେବା ଦରକାର । ଉତ୍ତମ ସଙ୍ଗମ ପାଇବାକୁ ବୋଦାଟିକୁ ପ୍ରଜନନ ଋତୁରେ ଅତିରିକ୍ତ ମିଶ୍ରିତ ଦାନା ଦେବା ଉଚିତ୍ । ନଚେତ୍ ବୋଦା ଦୁର୍ବଳ ହେବା ସଙ୍ଗେ ସଙ୍ଗେ ପ୍ରଜନନ କ୍ଷମତା ହରେଇବ । ସେମାନଙ୍କ ଓଜନ କମିଯିବା ସହ ରୁଗ୍ଣ ହୋଇପଡିବାର ସମ୍ଭାବନା ଥାଏ । ନିଜ ଗୋଠର ବୋଦାକୁ ଅନ୍ୟ ଗୋଠର ଛେଳିପଲ ବା ମେଣ୍ଢାପଲ ସହ ସଂଗମ ପାଇଁ ଛାଡିବା ଏବଂ ଅନ୍ୟ ଗୋଠର ବୋଦାକୁ ଆଣି ନିଜ ଗୋଠର ଛେଳିପଲ ବା ମେଣ୍ଢାପଲ ସହ ସଂଗମ କରାଇବା ଉଚିତ୍ । ତେଣୁ ବୋଦାର ଗୋଠ ପରିବର୍ତ୍ତନ ସହଜ ଉପାୟରେ ବୁଝାମଣା ମାଧ୍ୟମରେ ହୋଇପାରିବ । ପ୍ରଜନନ ଋତୁରେ ବୋଦା ବା ଗାରଡ଼କୁ ପଲରେ ଛାଡ଼ିଲେ ସେ ଚରାବୁଲା ନକରି ପ୍ରଜନନ ପାଇଁ ଏଣେ ତେଣେ ଦଉଡ଼ି କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ଥାଏ ।

ଛେଳି ବା ମେଣ୍ଢା ସାଧାରଣତଃ ବର୍ଷରେ ଦୁଇଥର ଗରମ ଆସେ, ଥରେ ଜୁଲାଇରୁ ସେପ୍ଟେମ୍ବର ମାସରେ ଏବଂ ଆଉଥରେ ଫେବୃଆରୀ ରୁ ମାର୍ଚ୍ଚ ମାସରେ । ଗରମ ରହିବାରର ସମୟ ୨୪ ରୁ ୪୮ ଘଣ୍ଟା । ଯଦି ଗର୍ଭ ନ ରହେ ତା ହେଲେ ମାଈଛେଳି ୧୮-୨୧ ଦିନରେ ପୁଣି ଗରମକୁ ଆସିଥାଏ । ଗୋଟିଏ ମାଈ ଛେଳି ଦୁଇବର୍ଷରେ ତିନିଥର ଛୁଆ ଜନ୍ମକରିପାରେ । ଛେଳି ବା ମେଣ୍ଢାର ହାରାହାରି ଜୀବନ ୧୨ ବର୍ଷ । ଏମାନଙ୍କର ଗର୍ଭଧାରଣ ସମୟ ୧୪୫-୧୫୨ ଦିନ ମଧ୍ୟରେ ହୋଇଥାଏ । ପ୍ରଜନନ ଋତୁରେ ପ୍ରତି ୧୮-୨୧ ଦିନ ଅନ୍ତରରେ ଏମାନେ ଗରମକୁ ଆସିଥାଅନ୍ତି । ସେଥିପାଇଁ ଗୁହାଳରେ ଏକା ସାଙ୍ଗରେ ମାଈ ଓ ବୋଦା ରଖାଯିବା ଉଚିତ ନୁହେଁ । ପ୍ରତି ୨୦-୩୦ଟି ମାଈ ଛେଳି ବା

ମେଣ୍ଢା ପିଚ୍ଛା ଗୋଟିଏ ବୋଦା/ ଗାରଡ଼ ଆବଶ୍ୟକ ହୋଇଥାଏ । ଗୋଟିଏ ପ୍ରଜନନ ଋତୁରେ ଗୋଟିଏ ମାଈ ଛେଳି ବା ମେଣ୍ଢା ସହିତ ଥରଟିଏ ବୋଦା ଛଡ଼ାଯିବା ଉଚିତ୍ । ଗୋଟିଏ ମାଈ ଛେଳି ବା ମେଣ୍ଢା ୧୦-୧୫ ମାସ ମଧ୍ୟରେ ପ୍ରଜନନକ୍ଷମ ହୋଇଥାଏ ଓ ପ୍ରଥମ ଛୁଆ ୧୫-୨୦ ମାସ ବୟସରେ ଜନ୍ମ କରିଥାଏ । ଗୋଟିଏ ବୋଦା ୧-୧.୫ ବର୍ଷରେ ପ୍ରଜନନକ୍ଷମ ହୋଇଥାଏ ଓ ଏହାକୁ ୭-୮ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରେ । ତେଣୁ ମାଈ ଛେଳି ବା ମେଣ୍ଢାକୁ ୭ ବର୍ଷ ବୟସ ଏବଂ ଅଣ୍ଡିରାକୁ ୮-୧୦ ବର୍ଷ ବୟସରେ ବିକ୍ରି କରିଦେବା ଉଚିତ୍ ।

## ଛେଳି ଓ ମେଣ୍ଢା ଗରମ ହେବାର ଲକ୍ଷଣ

ଛେଳି ଓ ମେଣ୍ଢାଟି ଗରମକୁ ଆସିଲେ ସାଧାରଣତଃ ନିମ୍ନ ଲିଖିତ ଲକ୍ଷଣ ଗୁଡ଼ିକ ଦେଖାଯାଏ ।

ଯଥା-

କ) ମାଈ ଛେଳି ବା ମେଣ୍ଢାଟି ଅସ୍ଥିର ହୋଇପଡେ ।

ଖ) ଲାଞ୍ଜକୁ ବାରମ୍ବାର ହଲାଇଥାଏ ।

ଗ) ଖାଦ୍ୟ ଖାଇବାରେ ଆଗ୍ରହ ପ୍ରକାଶ କରେ ନାହିଁ ।

ଘ) କ୍ଷୀର ଦେବା କମିଯାଏ ।

ଙ) ପରିଶ୍ରାଦ୍ୱାର ସାମାନ୍ୟ ଫୁଲିଯାଏ ଏବଂ ଲାଲ ପଡିଯାଏ ।

ଚ) ଅନ୍ୟ ଛେଳି ଉପରେ ଚଢ଼ିଯାଏ ବା ଅନ୍ୟ ଛେଳି ତା ଉପରେ ଚଢ଼ିଲେ ସ୍ଥିର ହୋଇ ଠିଆ ହୁଏ ।


ଛେଳିଙ୍କ ପ୍ରଜନନ ସମୟ ନିର୍ଦ୍ଧାରଣ
ଏଇ ସମୟରେ ପ୍ରଜନନ କରାନ୍ତୁ
ଗରମ ଛେଳିକୁ ଥରେ ବୋଦାଦ୍ୱାରା ପ୍ରଜନନ କରାନ୍ତୁ । ଅନେକ ଥର ପ୍ରଜନନ କରିବାର କୌଣସି ମତେ ଦରକାର ନାହିଁ ।
୧୨ ଘଣ୍ଟା
୧୨ ଘଣ୍ଟା
୧୯ ଦିନ
୧୫୦ ଦିନ
୬୦ ଦିନ
ଛେଳି ଗରମ ଥିବା ସମୟ
ପରବର୍ତ୍ତୀ ଗରମ ଆସିବାର ସମୟ
୫ ମାସ ଗର୍ଭାବସ୍ଥା
ଛୁଆଜନ୍ମ କରିବାର ଦିନ
ଛୁଆ ଜନ୍ମ ପରେ ପରବର୍ତ୍ତୀ ଗରମ ଆସିବା
ଛେଳିର ପ୍ରଜନନ ଚକ୍ର

## ପ୍ରଜନନ ପାଇଁ ବ୍ୟବହୃତ ବୋଦାର ଗୁଣାବଳୀ:

ବୋଦାର ମା'ର ନିମ୍ନଲିଖିତ ଗୁଣ ଦେଖି ଚୟନ କରାଯାଏ ।

- ଏକାଥରେ ଅଧିକ ଛୁଆ ଦେଉଥିବା ଗୁଣ
- ଅଧିକ କ୍ଷୀର ଦେବା କ୍ଷମତା ଫଳରେ ଏକାଧିକ ଛୁଆ ଜନ୍ମ କ୍ଷେତ୍ରରେ ସେମାନେ ମରିବେ ନାହିଁ ।
- ପ୍ରଥମ ଛୁଆ ଦେବା ସମୟରେ ମା'ର ବୟସ
- ପ୍ରଜନନକ୍ଷମ ଛେଳିର ଓଜନ
- ରୋଗ ପ୍ରତିରୋଧକ ଶକ୍ତି
- ଶୀଘ୍ର ବଢ଼ି ପାରୁଥିବା କ୍ଷମତା
- ଛୁଆ ଦେବାର ସମୟାନ୍ତର
- ଭଲ ସ୍ୱାସ୍ଥ୍ୟ ଥିବା ଓ ରୋଗ ନଥିବା ବୋଦାକୁ ପ୍ରଜନନ ପାଇଁ ବାଛିବା ଉଚିତ ।
- ଶିଘ୍ର ବଢୁଥିବା ମାଈ ଛେଳିମାନଙ୍କ ଠାରୁ ଜନ୍ମିତ ଅଣ୍ଡିରା ଛୁଆକୁ ବୋଦା ଭାବରେ ବାଛିଲେ ଭଲ ।

## ଗୋଠ ବଢାଇବା ପାଇଁ ମାଈ ଛେଳି ବା ମେଣ୍ଢୀ ଛୁଆ ଚୟନ

- ଗୋଠ ବଢାଇବା ପାଇଁ ଥରକୁ ଦୁଇ ବା ଅଧିକ ଛୁଆ ଜନ୍ମ କରିଥିବା ମାଈ ଛେଳି ବା ମେଣ୍ଢୀର ଛୁଆ ବାଛିବା ଉଚିତ୍ ।
- ଅତି କମରେ ଦୁଇବର୍ଷରେ ତିନିଥର ଜନ୍ମ କରିଥିବା ଛେଳି ଛୁଆକୁ ବାଛିବା ଉଚିତ୍ ।
- ସୁସ୍ଥ ଓ ନିରୋଗ ଛେଳି ବା ମେଣ୍ଢୀର ଛୁଆକୁ ବାଛିବା ଆବଶ୍ୟକ ।
- ଠିକ ସମୟରେ ଗରମ ଆସୁଥିବା ଓ ୧୬ରୁ ୧୮ ମାସ ମଧ୍ୟରେ ପ୍ରଥମ ଛୁଆ ଜନ୍ମ କରିଥିବା ମା'ର ଛୁଆକୁ ବାଛିଲେ ଭଲ । ଯଥେଷ୍ଟ କ୍ଷୀର ଦେଉ ନଥିବା ଛେଳି ଓ ମେଣ୍ଢିକୁ ପଲରୁ ବାହାର କରିଦେବା ଉଚିତ୍ ।
- ପ୍ରଜନନ ସମସ୍ୟା ଥିବା ତଥା ଗର୍ଭପାତ କରୁଥିବା ଛେଳି ଓ ମେଣ୍ଢିକୁ ପଲରୁ ବାହାର କରିଦେବା ଉଚିତ୍ ।

ସମାନ ବୟସ ଥିବା ସୁସ୍ଥ ଛୁଆମାନଙ୍କୁ ଭବିଷ୍ୟତର ଗୋଠ ପାଇଁ ରଖାଯିବା ଉଚିତ । କ୍ଷୀର ଉତ୍ପାଦନ ବଢ଼ାଇବା ପାଇଁ ସୁସ୍ଥ ମାଈ ଛେଳିମାନଙ୍କୁ ରଖାଯିବା ଉଚିତ ।

ଦୁର୍ବଳ ଅଣ୍ଡିରା ଛୁଆ ମାନଙ୍କୁ ଧରାଣ କରାଯିବା ଉଚିତ ।

ସର୍ବଦା ମନେରଖିବା ଉଚିତ ଯେ ଅନ୍ତଃପ୍ରଜନନ ବନ୍ଦ କରିବା ପାଇଁ ଅନ୍ୟତ୍ର ଗୋଠରୁ ବୋଦା ଆଣିବା ଅପରିହାର୍ଯ୍ୟ । ସେହିପରି ଗୋଠରେ କମ ପ୍ରଜନନ କ୍ଷମତା ଥିବା ୧୦ ଭାଗ ମାଈ ଛେଳି ବା ମେଣ୍ଢୀ ପ୍ରତି ବର୍ଷ ବଦଳେଇବା ଆବଶ୍ୟକ ।

## ଗୋଠରୁ କେଉଁ ଛେଳି ବା ମେଣ୍ଢା ମାନଙ୍କୁ ବାହାର କରିଦେବା ଉଚିତ

୧. ଜନ୍ମଗତ ବିକାର ଥିବା ଛେଳି ବା ମେଣ୍ଢା ।

୨. ଧିରେ ଧିରେ ବଢୁଥିବା ଛେଳି ବା ମେଣ୍ଢା ।

୩. ଗରମକୁ ଆସୁନଥିବା ଛେଳି ବା ମେଣ୍ଢା ।

୪. ଗର୍ଭ ରଖୁନଥିବା ଛେଳି ବା ମେଣ୍ଢା ।

୫. ରୋଗାକ୍ରାନ୍ତ ଛେଳି ବା ମେଣ୍ଢା ।

୬. ପ୍ରଜନନ ସମସ୍ୟା ଥିବା ତଥା ଗର୍ଭପାତ କରୁଥିବା ଛେଳି ଓ ମେଣ୍ଢିକୁ ପଲରୁ ବାହାର କରିଦେବା ଉଚିତ୍ ।

୭. ବୋଦା ଛଡା ଅନ୍ୟ ଖାସୁ ନ ହୋଇଥିବା ଅଣ୍ଡିରା ଛେଳି ବା ମେଣ୍ଢା ।

୮. ଅଧିକ ଲାଭ ପାଇଁ ଖାସି ମାନଙ୍କୁ ଠିକ ସମୟରେ ବିକ୍ରି କରିଦେବା ଉଚିତ ।

୯. ଯେଉଁ ମାଇଛେଳି ମୋଟେ ଛୁଆ ଦେଉ ନାହିଁ କିମ୍ବା ଥରକେ ଗୋଟିଏ ଓ ଦୁର୍ବଳ ଛୁଆ ଦେଉଛି ତାକୁ ଗୋଠରେ ରଖନ୍ତୁ ନାହିଁ ।






## ଛେଳି ଓ ମେଣ୍ଢାଙ୍କ କୃତ୍ରିମ ପ୍ରଜନନ



ଗାଈ ବା ମଇଁଷି ମାନଙ୍କ ପରି ଛେଳି ଓ ମେଣ୍ଢା ମାନଙ୍କର ମଧ୍ୟ ପ୍ରଜନନ କାର୍ଯ୍ୟ କୃତ୍ରିମ ଉପାୟରେ କରାଯାଇପାରୁଛି । ଏହାଦ୍ୱାରା ବୋଦା ପାଳନ କରିବାକୁ ପଡିବ ନାହିଁ ଏବଂ ଉନ୍ନତ ବୋଦା ର ଶୁକ୍ର ବ୍ୟବହାର କରି ଉନ୍ନତ ମାନର ଛୁଆ ପାଇହେବ । କାରଣ ଓଜନଦାର ଓ ଶୀଘ୍ର ବଢିପାରିବା ଗୁଣ ଥିବା ବୋଦାର ଶୁକ୍ର କୃତ୍ରିମ ପ୍ରଜନନ ପାଇଁ ବ୍ୟବହାର କରିଯାଇଥାଏ । ଏହି ଉପାୟରେ ଶତକଡା ୩୬ ରୁ ୫୦ ଭାଗ ଛେଳି ନିଶ୍ଚିନ୍ତ ଗର୍ଭଧାରଣ ହେବାର ଦେଖାଯାଇଛି । ସଦ୍ୟ ସଂଗୃହୀତ ଶୁକ୍ର ତୁଳନାରେ ଅଧିକ ଦିନ ସାଇତା ହୋଇଥିବା ତରଳ ଶୁକ୍ରର ଗର୍ଭଧାରଣ ପରିମାଣ କମ୍ ବୋଲି ପରୀକ୍ଷିତ ହୋଇଛି । କାରଣ ସଦ୍ୟ ସଂଗୃହୀତ ଶୁକ୍ର ଦ୍ୱାରା ଶତକଡା ୫୦ ଭାଗ ଗର୍ଭଧାରଣ ବେଳେ ସାଇତା ହୋଇଥିବା ହିମିକୃତ ଶୁକ୍ରରୁ ଶତକଡା ୩୬ ଭାଗ ହେବାର ଦେଖାଯାଏ ।

# ଗୋଟିଏ ଛେଳି ବା ମେଣ୍ଢା ଫାର୍ମର ନିତିଦିନିଆ କାର୍ଯ୍ୟ

୧. ଗୁହାଳ ସଫାକରି ଲଣ୍ଡି ଓ ମଇଳାକୁ କମ୍ପୋଷ୍ଟ ଖାତରେ ଗଦା କରାଯାଏ ।

୨. ନଡ଼ା, ବୋଡି, ଘାସକୁ ଟିକିଟିକି କରି କାଟି ମଧ୍ୟ ଖାଇବା ଅବସ୍ଥାରେ ରଖାଯାଏ । ଦାନାର ବିଭିନ୍ନ ଭାଗ ମିଶାଇ ସନ୍ତୁଳିତ ଦାନା ତିଆରି କରାଯାଏ ।

୩. ପ୍ରାଣୀଚିକିତ୍ସକ କିମ୍ବା ପ୍ରାଣୀଧନ ନିରୀକ୍ଷକଙ୍କ ସହିତ ପରାମର୍ଶ କରି ଟିକା ଓ କୃମି ଔଷଧ ଦେବାର ଦିନ ଧାର୍ଯ୍ୟ କରେଇନେବା ଉଚିତ୍ ଓ ନିୟମିତ ଭାବରେ ଟିକା ଓ କୃମିନାଶକ ଔଷଧ ଦେବା ଉଚିତ୍ ।

୪. ଯଦି କୌଣସି ଛେଳି କିମ୍ବା ମେଣ୍ଢାର ମୃତ୍ୟୁ ହୋଇଯାଏ ତାର ଶବ ବ୍ୟବଛେଦ (ପୋଷ୍ଟ ମର୍ଟମ) ପାଇଁ ନିକଟସ୍ଥ ପ୍ରଣୀଚିକିତ୍ସାଳୟକୁ ନିଆଯିବା ଉଚିତ୍ । ଏହା ଫଳରେ ମୃତ୍ୟୁର ସଠିକ କାରଣ ଜଣାପଡ଼େ ଏବଂ ରୋଗୀ ଛେଳି ମେଣ୍ଢା ମାନଙ୍କ ଉଚିତ୍ ଚିକିତ୍ସା କରିବ ସହଜ ହୁଏ ।

୫. ଯଦି ଛେଳି ବା ମେଣ୍ଢା ଫାର୍ମଟି ବ୍ୟାଙ୍କ ଋଣ ଦ୍ୱାରା କରାଯାଇଥାଏ ଏବଂ ସେମାନେ ସରକାରୀ ଯୋଜନାରେ ବୀମାଭୁକ୍ତ ଥାଆନ୍ତି ତେବେ ଛେଳି କିମ୍ବା ମେଣ୍ଢା ର ମୃତ୍ୟୁର ଖବର ଲିଖିତ ଆକାରରେ ତୁରନ୍ତ ଉକ୍ତ ବ୍ୟାଙ୍କ ଓ ବୀମା କମ୍ପାନୀକୁ ଅବଗତ କରାଇଦେବା ଉଚିତ୍ ।

## ଛୋଟ ଧରଣର ଛେଳି/ ମେଣ୍ଢା ଫାର୍ମର ଖାତାପତ୍ର

ଯେ କୌଣସି ବ୍ୟବସାୟ କଲେ ତାହାର ସଠିକ୍ ଲାଭ କ୍ଷତିର ହିସାବ ରଖିବା ଉଚିତ୍ ଏବଂ ସେଥିପାଇଁ କିଛି ଖାତା ଲେଖି ରଖିବା ଦରକାର । ଯଥା-

୧) ଛେଳି ମେଣ୍ଢାର ଷ୍ଟକ୍ ଖାତା

୨) ଛେଳି ମେଣ୍ଢା ଚିକିତ୍ସା ଖାତା

୩) ଦାନା ଖାତା

୪) ବିକ୍ରି ଖାତା

୫) ବୀମା ଖାତା

୬) ଅନ୍ୟାନ୍ୟ ଖାତା (ଆବଶ୍ୟକ ମତେ)

୧) **ଛେଳି ମେଣ୍ଢାର ଷ୍ଟକ୍ ଖାତା–** ଏହି ଖାତାରେ ପ୍ରତ୍ୟେକ ଦିନ ଫାର୍ମରେ କେତେ ଛେଳି ବା ମେଣ୍ଢା ଅଛନ୍ତି ତାର ହିସାବ ମିଳେ। ମାଈ ଛେଳି ବା ମେଣ୍ଢା, ବୋଦା, ଛୁଆ ମାନଙ୍କ ସଂଖ୍ୟା ଏଥିରୁ ମିଳିଥାଏ । କେତୋଟି ବିକ୍ରିହେଲେ, ହଜିଲେ, ମଲେ ବା ରହିଲେ ଏହି ଖାତାରେ ପ୍ରତିଦିନ ହିସାବ ରଖାଯାଏ ।

୨) **ଛେଳି ମେଣ୍ଢା ଚିକିତ୍ସା ଖାତା –** ରୁଗ୍ଣ ଥିବା ଛେଳି ବା ମେଣ୍ଢା ମାନଙ୍କ ଚିକିତ୍ସା ତାରିଖ ଏବଂ ଦିଆଯାଇଥିବା ଔଷଧ ଏଥିରେ ଲେଖାଯାଇଥାଏ । ବର୍ଷର ଯେତେ ଥର କୃମି ଚିକିତ୍ସା ହୁଏ ଏବଂ ଟିକା ଦିଆଯାଏ ତାହା ଏହି ଖାତାରେ ଲେଖି ରଖାଯାଏ । ଏ ସବୁର ସଠିକ ଲେଖା ରହିଲେ ବର୍ଷ ଶେଷରେ ଛେଳି ବା ମେଣ୍ଢା ବାବଦକୁ କେତେ ଖର୍ଚ୍ଚ ହେଲା ଏବଂ ଫାର୍ମରେ ଛେଳି ମେଣ୍ଢା ମାନଙ୍କୁ କି ପ୍ରକାର ରୋଗ ହୋଇଥିଲା ଏବଂ ଏହି ବାବଦକୁ କେଉଁ ଔଷଧ ଦିଆଯାଇଥିଲା ତାହାର ହିସାବ ରହେ ।

୩) **ଦାନା ଖାତା** – ଦାନାର ବିବରଣୀ ଦାନା ଖାତାରୁ ମିଳିଥାଏ । ପ୍ରତ୍ୟେକ ଦିନର ଦାନା ଷ୍ଟକ୍ ପରିମାଣ, କେତେ ଦାନା ବ୍ୟବହାର ହେଲା ଏହି ସବୁ ହିସାବ ଏହି ଖାତାରୁ ମିଳିଥାଏ ।

୪) **ବିକ୍ରି ଖାତା** – ଯେକୌଣସି ଫାର୍ମଟିର ମୁଖ୍ୟ ଆୟର ମାଧ୍ୟମ ହେଉଛି ବିକ୍ରି । ତେଣୁ କେତେ ତାରିଖରେ କେତୋଟି ବିକ୍ରି ଉପଯୋଗୀ ଛେଳି ବା ମେଣ୍ଢା ବିକ୍ରି ହେଲା, କେତେ ଓଜନ ହେଲା ଓ କେତେ ମୂଲ୍ୟରେ ବିକ୍ରି ହେଲା ତାର ହିସାବ ଏଥିରୁ ମିଳିଥାଏ । ଏଥିରେ ଖତ/ ଲଣ୍ଡି, ଖାଲି ବସ୍ତା ବିକ୍ରି ବିବରଣୀ ମଧ୍ୟ ରଖାଯାଇପାରେ । ଫଳରେ ଫାର୍ମର ମୋଟ ଆୟ ଜାଣି ହୁଏ ।

୫) **ପ୍ରଜନନ ଖାତା** – ଏହି ଖାତାରେ ଛେଳି କେବେ ଗରମକୁ ଆସିଲା ଓ କେବେ ସଙ୍ଗମ ହେଲା ଲେଖାଯାଏ । କେବେ ଛୁଆ ଦେଲା ଓ କେତୋଟି ଦେଲା ତାହାର ହିସାବ ମଧ୍ୟ ଲେଖି ରଖାଯାଏ ।

୬) **ବୀମା ଖାତା** – ଏହି ଖାତାରେ କେବେ ବୀମା କରାଗଲା, ଅବଧି ସମୟ, ଟ୍ୟାଗ୍ ନଂ., ବୀମା କମ୍ପାନୀର ବିବରଣୀ ଓ କେତେ ଟଙ୍କା ବୀମା ବାବଦକୁ ଖର୍ଚ୍ଚ ହେଲା ତାହାର ହିସାବ ଲେଖି ରଖାଯାଏ ।

ବେଳେବେଳେ ଛେଳି/ ମେଣ୍ଢା ଛୁଆ ଜନ୍ମ ସମୟର ଓଜନ ୩, ୬, ୯ ,୧୨ ମାସର ଓଜନ ସମ୍ବନ୍ଧରେ ତଥ୍ୟ ମଧ୍ୟ ରଖାଯାଏ ଓ ପ୍ରତିବର୍ଷ ୧–୨ ଥର ସମସ୍ତ ଛେଳିଙ୍କୁ ଓଜନ କଲେ ସେମାନଙ୍କ ଓଜନ ବୃଦ୍ଧି ଓ ହ୍ରାସ ସମ୍ବନ୍ଧରେ ଜାଣିହୁଏ ।

# ଛେଳି ଓ ମେଣ୍ଢା ସମ୍ବନ୍ଧୀୟ ସରକାରୀ ଯୋଜନା

## ଛେଳି ଓ ମେଣ୍ଢା ମାନଙ୍କ ବୀମା ଯୋଜନା



ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ଜାତୀୟ ପ୍ରାଣୀଧନମିଶନ ଦ୍ୱାରା ପ୍ରଯୋଜିତ ପ୍ରାଣୀ ବୀମା ଯୋଜନା ଓଡିଶା ରାଜ୍ୟରେ ପରିଚାଳନା କାରାଯାଇଛି । ଏହି ଯୋଜନାରେ ଓଡିଶାର ସମସ୍ତ ୩୦ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରାଣୀପାଳନ ରାଜ୍ୟର କୃଷକମାନଙ୍କର ଆର୍ଥିକ ପ୍ରଗତିର ଏକ ମୂଖ୍ୟ ଜୀବିକା ହେବା ସହିତ ଏହା ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଏକ ମୂଖ୍ୟ ଅଙ୍ଗ । ଏହି ଯୋଜନା ଅବଧି କାଳରେ ଛେଳିର ଯଦି ମୃତ୍ୟୁ ହୋଇଯାଏ, ସମ୍ପୃକ୍ତ ଚାଷୀକୁ ନିର୍ଧାରିତ ବୀମା ରାଶି ପ୍ରଦାନ କରାଯିବ ଯାଦ୍ୱାରା ଛେଳି ଚାଷୀଟି ପୁନଶ୍ଚ ଅନ୍ୟ ଛେଳି କ୍ରୟ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରିବ । ଏହି ଯୋଜନାରେ ନିଜର ପ୍ରାଣୀସମ୍ପଦକୁ ବୀମାଭୁକ୍ତ କରାଇବା ପାଇଁ ଚାଷୀଟିକୁ ବୀମା ପ୍ରିମିୟମ୍ ବାବଦକୁ ଖୁବ୍ କମ୍‌ଅର୍ଥ ଦେବାକୁ ପଡିଥାଏ ଏବଂ ବଳକା ଅର୍ଥ ସରକାରଙ୍କ ତରଫରୁ ରିହାତି ପ୍ରିମିୟମ୍ ରାଶି ବାବଦକୁ ଭରଣା କରାଯାଏ ।



ଏଥିପାଇଁ ଛେଳି ଓ ମେଣ୍ଢା ମାନଙ୍କ ମୂଲ୍ୟ ଉପରେ ବୀମା କରାଯାଇଥାଏ । ଏକ ବର୍ଷ ପାଇଁ ବୀମା ହୋଇଥିଲେ ପ୍ରତ୍ୟେକ ବର୍ଷ ତା'ର ନବୀକରଣ କରାଯାଇଥାଏ । ତେବେ ବୀମା ସମୟ ମଧ୍ୟରେ ଯଦି ଛେଳି ବା ମେଣ୍ଢା ର ମୃତ୍ୟୁ ହୁଏ ତେବେ ପ୍ରାଣୀ ଚିକିତ୍ସକ / ବୀମା କମ୍ପାନୀ ଓ ଋଣ ଦେଇଥିବା ବ୍ୟାଙ୍କକୁ ଖବର ଦିଆଯାଏ ଏବଂ ପ୍ରାଣୀ ଚିକିତ୍ସକଙ୍କୁ ଶବ ବ୍ୟବଛେଦ ପାଇଁ ଜଣାଯାଏ । କ୍ଲେମ୍ ଫର୍ମରେ ମୃତ୍ୟୁଜନିତ କାରଣ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପାଖରୁ ଲାସ ମଇନା (ପୋଷ୍ଟ ମୋଟମ୍ ରିପୋର୍ଟ) ପ୍ରମାଣ ପତ୍ର କରାଇବାକୁ ପଡିଥାଏ ଏବଂ ଏହି ରିପୋର୍ଟ ବା ପ୍ରମାଣ ପତ୍ର ସହିତ ବୀମା କମ୍ପାନୀ ସଂଲଗ୍ନ ହୋଇ ବୀମା କମ୍ପାନୀ ପାଖକୁ ୪୮ ଘଣ୍ଟା ମଧ୍ୟରେ ପଠାଇବାକୁ ପଡିଥାଏ । ବୀମା କମ୍ପାନୀ ବୀମା କମ୍ପାନୀରୁ ପ୍ରାଣୀ ମୃତ୍ୟୁର ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରି, କ୍ଲେମ୍ ପାଇବାର ବୈଧତା ସ୍ଥିର କଲାପରେ ଚାଷୀ ବ୍ୟାଙ୍କ ପାସ୍ ବୁକ୍‌ରେ ଛେଳି ବା ମେଣ୍ଢାର କ୍ଷତିପୂରଣ ଟଙ୍କା ପୈଠ କାରାଯାଇଥାଏ ।

## ନିଜ ବାଡ଼ିରେ ଛେଳି ଓ ମେଣ୍ଢା ପାଳନ



ଛେଳି ମେଣ୍ଢା ପାଳନ, ଭୂମିହୀନ, ନାମମାତ୍ର ଓ କ୍ଷୁଦ୍ର ଚାଷୀଙ୍କ ପାଇଁ ଆର୍ଥିକ ଉନ୍ନତିର ଏକ ସହଜ ବ୍ୟବସ୍ଥା ଅଟେ। ଲୋକେ ଅଧିକ ଛେଳି ଓ ମେଣ୍ଢା, ଉନ୍ନତ ପରିଚାଳନା ବ୍ୟବସ୍ଥାରେ ଚାଷ କଲେ ଅଧିକ ଲାଭ ପାଇପାରିବେ।

ଛେଳି ଓ ମେଣ୍ଢାଙ୍କ ପାଳନ ପାଇଁ ଚାଷୀମାନଙ୍କୁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାମାନଙ୍କ ବ୍ୟବସ୍ଥା କରାଯାଇଛି ଯାହାଫଳରେ ଚାଷୀମାନେ ଅଧିକ ପରିମାଣର ଛେଳି ଓ ମେଣ୍ଢା ପାଳନ କରି ଅଧକ ଲାଭ ପାଇବେ। ତେଣୁ ଚାଷୀଟି ଛେଳି ବା ମେଣ୍ଢା ପାଳନରେ ସ୍ୱରୋଜଗାରକ୍ଷମ ହେବାପାଇଁ ସରକାରୀ ସହାୟତା ନେଇପାରିବେ ।

## ଜାତୀୟ ପ୍ରାଣୀଧନ ମିଶନ ଆନୁକୁଲ୍ୟରେ ଛେଳି ପାଳନ

କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବୀ ଓ ଚାଷୀମାନଙ୍କୁ ସ୍ଥାୟୀ ରୋଜଗାର ଯୋଗାଇଦେବା ଲକ୍ଷ୍ୟରେ ରଜ୍ୟ ସରକାର "ଜାତୀୟ ପ୍ରାଣୀଧନ ମିଶନ ଆନୁକୁଲ୍ୟରେ ଛେଳି ପାଳନ" ଯୋଜନା ଆରମ୍ଭ କରିଛନ୍ତି।

୧) ଏହି ଯୋଜନାରେ ଛେଳି ଛୁଆ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ୟୁନିଟ୍ ପିଛା ୬୬ ହଜାର ଟଙ୍କା ଦିଆଯିବ।

୨) ପ୍ରତ୍ୟେକ ହିତାଧିକାରୀ ୧୧ଟି (୧୦ଟି ମାଈ ଓ ୧ ଗୋଟି ବୋଦା) ଛେଳି ପାଳିବା ପାଇଁ ସହାୟତା ପାଇବେ।

୩) ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୫୯ ହଜାର ୪୦୦ ଟଙ୍କା ରିହାତି ଆକାରରେ ଦେବେ।

୪) ଛେଳି ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।

୫) ବ୍ଲକ୍‌ସ୍ତରୀୟ ନୀରିକ୍ଷଣ କମିଟି, ମିଶନ ଶକ୍ତି ଓ ଜିଲ୍ଲାସ୍ତରୀୟ କମିଟି ମାଧମରେ ହିତାଧିକାରୀ ଚୟନ କରାଯିବ।

୬) ସହାୟତା ପାଇବା ନିମନ୍ତେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଆବେଦନ ପତ୍ରରେ କିମ୍ବା ସିଧାସଳଖ ପୋର୍ଟାଲରେ (Odisha-One Service Plus) ଆବେଦନ କରିବାକୁ ହେବ।

## ଜାତୀୟ ପ୍ରାଣୀଧନ ମିଶନ ଆନୁକୁଲ୍ୟରେ ମେଣ୍ଢା ପାଳନ

କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବୀ ଓ ଚାଷୀମାନଙ୍କୁ ରୋଜଗାର ଯୋଗାଇଦେବା ଉଦ୍ଦେଶ୍ୟରେ ଆମ ସରକାର "ଜାତୀୟ ପ୍ରାଣୀଧନ ମିଶନ ଆନୁକୁଲ୍ୟରେ ମେଣ୍ଢା ପାଳନ" ଯୋଜନା ଆରମ୍ଭ କରିଛନ୍ତି ।



୧. ଏହି ଯୋଜନାରେ ମେଣ୍ଢା ଛୁଆ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ୟୁନିଟ୍ ପିଛା ୬୬ ହଜାର ଟଙ୍କା ଖର୍ଚ୍ଚ ହେବ ।

୨. ପ୍ରତ୍ୟେକ ହିତାଧିକାରୀ ୧୧ଟି ମେଣ୍ଢା (୧୦ଟି ମାଈ ଓ ୧ ଗୋଟି ଗାରଡ଼) ପାଳନ କରିବା ପାଇଁ ସହାୟତା ପାଇବେ ।

୩. ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୫୯ ହଜାର ୪୦୦ ଟଙ୍କା ରିହାତି ଆକାରରେ ଦେବେ ।

୪. ମେଣ୍ଢା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ ।

୫. ବ୍ଲକ୍ସ୍ତରୀୟ ନୀରିକ୍ଷଣ କମିଟି, ମିଶନ ଶକ୍ତି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ଚୟନ କରାଯିବ ।

୬. ସହାୟତା ପାଇବା ନିମନ୍ତେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଆବେଦନ ପତ୍ରରେ କିମ୍ବା ସିଧାସଳଖ ପୋର୍ଟାଲରେ (Odisha-One Service Plus) ଆବେଦନ କରିବାକୁ ହେବ ।

## ରାଜ୍ୟର ଛେଳି ଓ ମେଣ୍ଢା ଫାର୍ମ

୧୯୬୫ ମସିହାରେ ରାଜ୍ୟର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚିପିଲିମାସ୍ଥିତ ରାଜ୍ୟ ପ୍ରାଣୀ ପ୍ରଦାନ କେନ୍ଦ୍ର ଅଧିନରେ ଏକ ଛେଳି ଓ ମେଣ୍ଢା ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା ତଥା ବଲାଙ୍ଗୀର ଜିଲ୍ଲା ଦେଓଗାଁଠାରେ ଏକ ମେଣ୍ଢା ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଏବେ ରାଜ୍ୟର ନିମ୍ନଲିଖିତ ସ୍ଥାନରେ ଆଉ ୪ଟି ଛେଳି ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଯାହା ଫଳରେ ରାଜ୍ୟର ଛେଳି ଓ ମେଣ୍ଢା ପାଳନକାରୀଙ୍କୁ ମୁଖ୍ୟତଃ ପ୍ରଜନନ ଯୋଗ୍ୟ ବୋଦା ବା ଗାରଡ ଯୋଗାଇ ଦିଆଯାଉଛି । ରାଜ୍ୟରେ ଥିବା ଛେଳି ଓ ମେଣ୍ଢା ଫାର୍ମର ବିବରଣୀ ନିମ୍ନରେ ଦିଆଗଲା ।

| କ୍ର. ସଂ. | ପ୍ରଜନନ କେନ୍ଦ୍ର ଠିକଣା | ମିଳୁଥିବା ପ୍ରଜାତି |
|---|---|---|
| ୧. | ଛେଳି ପ୍ରଜନନ କେନ୍ଦ୍ର, ଚିପିଲିମା, କଳାମାଟି, ସମ୍ବଲପୁର | ବ୍ଲାକ ବେଙ୍ଗଲ |
| ୨. | ଛେଳି ପ୍ରଜନନ କେନ୍ଦ୍ର, କୁଆଁରମୁଣ୍ଡା, ସୁନ୍ଦରଗଡ଼ | ବିଟଲ୍ |
| ୩. | ଛେଳି ପ୍ରଜନନ କେନ୍ଦ. ଜାରିଙ୍ଗ. କଳାହାଣ୍ଡି | ବ୍ଲାକ ବେଙ୍ଗଲ ଓ ସିରୋହି |
| ୪. | ଛେଳି ପ୍ରଜନନ କେନ୍ଦ୍ର, ଦେଓଗାଁ, ବଲାଙ୍ଗୀର | ବ୍ଲାକ ବେଙ୍ଗଲ |
| ୫. | ଛେଳି ପ୍ରଜନନ କେନ୍ଦ୍ର, ଦାଦାପାଜ୍ଜୁ, ଫୁଲବାଣୀ | ବ୍ଲାକ ବେଙ୍ଗଲ ଓ ସିରୋହି |
| ୬. | ମେଣ୍ଢା ପ୍ରଜନନ କେନ୍ଦ୍ର, ଚିପିଲିମା, କଳାମାଟି, ସମ୍ବଲପୁର | ଗଞ୍ଜାମ |

ରାଜ୍ୟରେ ଛେଳି ଫାର୍ମରୁ, ସିରୋହୀ ଓ ବ୍ଲାକ ବେଙ୍ଗଲ ବୋଦା ଯୋଗାଇ ଦିଆଯାଉଥିବାର ବ୍ୟବସ୍ଥା ଥିବା ବେଳେ ଗଞ୍ଜାମ ଗାରଡ ଚିପିଲିମା ମେଣ୍ଢା ଫାର୍ମରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ତେବେ ଚାଷୀଙ୍କ ଆବଶ୍ୟକତା ଓ ରାଜ୍ୟର ପ୍ରଜନନ ନୀତି ଅନୁଯାୟୀ ବିଭିନ୍ନ ଫାର୍ମରେ ବିଭିନ୍ନ ପ୍ରଜାତିର ଛେଳି ଓ ମେଣ୍ଢା ପାଳିତ ହୋଇଥାନ୍ତି। ତେଣୁ ଚାଷୀମାନେ ନିଜର ଆବଶ୍ୟକତା ତଥା ଫାର୍ମର ପରିଚାଳକଙ୍କ ସହ ଯୋଗାଯୋଗ କରି କେଉଁ କିସମର ଛେଳି ବା ମେଣ୍ଢା ପ୍ରତିପାଳିତ ହେଉଛନ୍ତି ଜାଣି ତାଙ୍କଠାରୁ କିଣିବା ବ୍ୟବସ୍ଥା କରିବା ଉଚିତ୍। ରାଜ୍ୟର ଫାର୍ମରେ ମୁଖ୍ୟତଃ ଛେଳି ଓ ମେଣ୍ଢାଙ୍କୁ ସଙ୍କରୀକରଣ କରି ଅଥବା ମନୋନୟନ ପ୍ରକ୍ରିୟାରେ ଉନ୍ନତମାନର ବୋଦା ଓ ଗାରଡ ସୃଷ୍ଟି କରାଯାଇଥାଏ। ବୋଦା ଓ ଗାରଡ ପାଇଁ ଆଗ୍ରହୀ ଚାଷୀ ବା ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ, ଫାର୍ମର ପରିଚାଳକ ଅଥବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଅଥବା ଉପ ନିର୍ଦ୍ଦେଶକ, କ୍ଷୁଦ୍ର ପ୍ରାଣୀ ଉନ୍ନୟନ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ ସହ ଯୋଗାଯୋଗ କରିବା ଉଚିତ୍।

# ଛେଳି ଓ ମେଣ୍ଢା ବିକ୍ରିବଟା

ଖଟାଯାଇଥିବା ପୁଞ୍ଜିରୁ ଭବିଷ୍ୟତରେ ସର୍ବାଧିକ ଲାଭ ପାଇବା, ଯେକୌଣସି ବ୍ୟବସାୟର ମୂଳ ଉଦ୍ଦେଶ୍ୟ ହୋଇଥାଏ । ତେଣୁ ପ୍ରତିଯୋଗିତାମୂଳକ ବଜାରରେ ଚାଷୀ ଯେପରି ଅଧିକ ଲାଭ ହୋଇପାରିବ, ସେଥିପାଇଁ ଛେଳି ଓ ମେଣ୍ଢାକୁ ଉଚିତ୍ ଦାମରେ ବିକ୍ରି କରିବା ଆବଶ୍ୟକ ।

ସାଧାରଣତଃ ଛେଳିଙ୍କୁ ବିକ୍ରି ପାଇଁ ଚଲେଇ ଚଲେଇ ବଜାରକୁ ନିଆଯାଇଥାଏ । ଏ କ୍ଷେତ୍ରରେ ଜଳୀୟ ଅଂଶ କମୁ ଥିବାରୁ ଛେଳିର ଓଜନ କମିଥାଏ । କ୍ୱଚିତ ମାତ୍ରାରେ ଗାଡ଼ି ବ୍ୟବହାର ହୁଏ । ବଜାରରେ ଛେଳି କ୍ରେତାଙ୍କୁ ଚାଷୀ ଅପେକ୍ଷା କରେ ଓ ବେଳେବେଳେ ସେ ଛେଳି ବିକ୍ରି ନ କରି ଫେରି ଆସେ । ଛେଳିଗୁଡ଼ିକ ଓଜନ ଆଧାରରେ ବିକ୍ରି ନହୋଇ ସଂଖ୍ୟା ଆଧାରରେ ଆନୁମାନିକ ମୂଲ୍ୟରେ ବିକ୍ରି ହୋଇଥାଆନ୍ତି । ବେଳେ ବେଳେ ଛୋଟ ମଧ୍ୟସ୍ଥି ଲୋକ ଛେଳିମାନଙ୍କୁ କିଣି ବଡ଼ ବଜାରକୁ ପଠାଇ ଥାଆନ୍ତି । କିନ୍ତୁ ଉତ୍ପାଦନ କାରୀ ଚାଷୀ ବଜାରର ସ୍ଥିତି ବିଷୟରେ ଅଜ୍ଞ ଥିବାରୁ ଉପଯୁକ୍ତ ଲାଭ ପାଇପାରେ ନାହିଁ । ମଧ୍ୟସ୍ଥି ଅଧିକାଂଶ ଲାଭ ପାଇଥାଏ ।

## ଛେଳି ବିପଣନରେ ଅସୁବିଧା

- ଦୁଃର୍ଗମ ଅଞ୍ଚଳରେ ପରିବହନ ସୁବିଧା ନଥାଏ ।
- ଚାଷୀର ଦରକାର ବେଳେ ଦଲାଲ ମାନେ ଋଣ ଦେଇଥାଆନ୍ତି । ତେଣୁ ସେମାନେ ନିଜକୁ ସୁହାଇବା ଦାମ୍‌ରେ ଛେଳି ମେଣ୍ଢା କିଣିଥାନ୍ତି ।
- ଚାଷୀମାନଙ୍କ ପାଖରେ ବଜାର ଗତି ବିଷୟରେ ତଥ୍ୟ ନଥାଏ ଓ ଦଲାଲର ବିକଳ୍ପ ତାଙ୍କୁ ଜଣାନାହିଁ ।
- ସ୍ଥାନୀୟ ପରିବହନ ବ୍ୟବସ୍ଥାରେ ଛେଳିମାନଙ୍କୁ ପରିବହନ କରିବା ଦ୍ୱାରା ଆର୍ଥିକ କ୍ଷତି ହୁଏ, କାରଣ ଏହାଦ୍ୱାରା ଓଜନ ହ୍ରାସ ହୁଏ । ଦେହର ଅବସ୍ଥା ଭଲ ରହେନାହିଁ ଓ ଏପରିକି ବେଳେ ବେଳେ ଛେଳି ମରିଯାଆନ୍ତି ।
- ସାଧାରଣତଃ ମାଂସ ସଦ୍ୟ କଟାହେବା ପରେ ପରେ ହିଁ ବିକ୍ରି ହୋଇଥାଏ । ଧାର୍ମିକ କାରଣରୁ ଓ ଉପଯୁକ୍ତ ଗୁଣବତ୍ତାର ଅଭାବରୁ ଶୀତଳୀକରଣ, ହିମିକୃତ ବା ପ୍ରକ୍ରିୟାକରଣ ମାଂସର ଚାହିଦା କମ୍ ବା ଆଦୌ ନାହିଁ ।
- ଛେଳି ବିପଣନ ଖାଉଟୀର ଖାଇବା ଓ କିଣିବା ପ୍ରଣାଳୀ ଉପରେ ନିର୍ଭର କରିଥାଏ । ଲୋକମାନେ ସ୍ୱତନ୍ତ୍ର କଟା ଖଣ୍ଡ ପାଇଁ, ପ୍ରକ୍ରିୟାକରଣ ପାଇଁ ବା ମାଂସ ଆଚାର ପାଇଁ ଅଧିକ ଖର୍ଚ୍ଚ କରିବା ପାଇଁ ଚାହାନ୍ତି ନାହିଁ ।
- ସଠିକ ବଜାର ବ୍ୟବସ୍ଥାର ଅଭାବ, ସାମାଜିକ, ଧାର୍ମିକ ପକ୍ଷପାତ ଓ ଉପଯୁକ୍ତ କଂସେଇଖାନାର ଅଭାବରୁ ଛେଳି ମେଣ୍ଢା ଆଧାରିତ ଶିଳ୍ପର ବିକାଶ ହୋଇପାରୁନାହିଁ ।
- ଜୀବନ୍ତ ଛେଳିର ଓଜନ ଜାଣିବାରେ ଜ୍ଞାନର ଅଭାବ ବା ଓଜନ ଯନ୍ତ୍ର ବ୍ୟବହାର ନ କରିବା ହେତୁ ଚାଷୀମାନଙ୍କୁ କମ୍ ଲାଭ ମିଳେ ।
- ଦେହର ଓଜନ ବଢ଼ିବା ପାଇଁ ଆବଶ୍ୟକ ଖାଦ୍ୟ ଉପାଦାନ, ସ୍ୱାସ୍ଥ୍ୟ ନୀତି ଅବଲମ୍ବନ, ସନ୍ତୁଳିତ ଦାନା ଯୋଗାଣ, ସଫାସୁତୁରା ରଖିବା, ଉପଯୁକ୍ତ ଘର ତଆରି କରିବା, ଉନ୍ନତ ପ୍ରଜନନ କରିବା ଆଦିରେ ଚାଷୀ ଅଜ୍ଞ ଥାଏ ।

## ବିପଣନ ପାଇଁ ସମ୍ଭାବ୍ୟ ସମାଧାନ :

- ଖାଉଟି ମାନଙ୍କ ଚାହିଦାକୁ ଦେଖି ଛେଳି ଓ ମେଣ୍ଢା ପାଳନ ପାଇଁ ଚାଷୀଙ୍କୁ ଉତ୍ସାହିତ କଲେ ଅଧିକ ଆୟ ମିଳିଥାଏ।
- ଓଜନ ମାପକ ଯନ୍ତ୍ର ବ୍ୟବହାର କରି ଚାଷୀ ଛେଳି ଓ ମେଣ୍ଢା ବିକ୍ରି କରିବା ଉଚିତ। ଛେଳି ଓ ମେଣ୍ଢାର ମାଂସ ଉତ୍ପାଦନ ତାର ଜୀବନ୍ତ ଅବସ୍ଥାରେ ଓଜନର ୫୦% । ଯଦି ଗୋଟିଏ ଛେଳିର ଓଜନ ୨୦ କି.ଗ୍ରା ତା ଠାରୁ ପ୍ରାୟ ୧୦ କି. ଗ୍ରା ମାଂସ ମିଳିବ।
- ବିକ୍ରିବଟା ବ୍ୟବସ୍ଥାର ଉନ୍ନତି ହେବା ଉଚିତ୍। ପଶୁଟିକୁ ଜୀବନ୍ତ ଓଜନ, ବୟସ ଓ ଲିଙ୍ଗ ଆଧାରରେ ବିକ୍ରି କରାଯିବା ଉଚିତ୍। ବଜାରରେ ୧୦ କି.ଗ୍ରା ମାଂସର ଓଜନ ସହିତ ଚମଡ଼ାର ବଜାର ଦର ମିଶାଇ ଛେଳିର ଦାମ୍ ହିସାବ କରିବା ଉଚିତ୍।
- ସମବାୟ ସମିତି ବା ଚାଷୀ ଉତ୍ପାଦକ ସଂଘ ମାଧ୍ୟମରେ ସମୂହ ଭାବେ ବିକ୍ରିବଟା କରିବା ଆବଶ୍ୟକ। ତଦ୍ୱାରା ଚାଷୀମାନେ ଛେଳି ମେଣ୍ଢା ଦର ମୂଲଚାଲ କରିବାରେ ଅଧିକ ସୁଯୋଗ ପାଇଥାନ୍ତି ।

